## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମଞ୍ଜି ବଣ୍ଟନ

ରାଜନଗର,(ଡି.ଏନ.ଏ.): ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୩୦ଜଣ ଚାଷୀଙ୍କୁ ପନିପରିବା ଚାଷ ପାଇଁ ଉନ୍ନତ କିସମର ମଞ୍ଜି ବଣ୍ଟନ କରାଯାଇଛି। ଉଦ୍ୟାନ କୃଷି ବିଭାଗର ଅଧିକାରୀ ସତ୍ୟବ୍ରତ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗରର ନୂତନ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ପନିପରିବା ମଞ୍ଜି କିଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବାଇଧର ସେଠୀ, ଜିଆରଏସ୍ ଦୀପ୍ତିମୟୀ ବେହୁରା, ୱାର୍ଡସଭ୍ୟ ଉମେଶ ଦାସ, ପର୍ଶୁରାମ ଦାସ, ବାସୁଦେବ ସାହୁ, ପଞ୍ଚାନନ ବାରିକ , ରମଣୀ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟକ୍ଷ ପଦରେ ତ୍ରିମୁଖୀ ଲଢ଼େଇ

### ପାରାଦୀପ ପୌର ନିର୍ବାଚନ

ପାରାଦୀପ,୧୫।୩(ସ୍ୱ.ପ୍ର.)

ପାରାଦୀପ ପୌର ପରିଷଦ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରଠୁ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି। ଚଳିତ ଥର ଅଧ୍ୟକ୍ଷ ପଦରେ ସିଧାସଳଖ ନିର୍ବାଚନ ହେଉଥିବାରୁ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଅଧ୍ୟକ୍ଷ ପଦରେ ଏହି ପରିଷଦରୁ ଏଥର ୪ ଜଣ ପ୍ରାର୍ଥୀ ହୋଇଛନ୍ତି। ସେମାନେ ହେଲେ ବିଜେଡିରୁ ବସନ୍ତ ବିଶ୍ୱାଳ, ଭାଜପାରୁ ଗୌତମ ନାୟକ, ସ୍ୱାଧୀନ ପ୍ରାର୍ଥୀ ଦେବବ୍ରତ ସାହୁ ଓ ଅନୋଜ କୁମାର ରାଉତ। ଅନୋଜଙ୍କ ଭୂମିକା ଅଗୋଚରରେ ଥିବାରୁ ବସନ୍ତ, ଗୌତମ ଓ ଦେବବ୍ରତଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବସନ୍ତ ଏହା ପୂର୍ବରୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦରେ ୫ ବର୍ଷ ଲେଖାଏ କାର୍ଯ୍ୟ କରିଥିବା ବେଳେ କାଉନସିଲର ଭାବେ ୨୦ ବର୍ଷ ରହିଛନ୍ତି। ୧୯ ୱାର୍ଡରେ ସେ ଜଣେ ପରିଚିତ ଚେହେରା ହୋଇଥିବାରୁ ନିର୍ବାଚନରେ ବିଜୟୀ ହେବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ଗୌତମ ୨୦୧୫ ପୌର ନିର୍ବାଚନରେ ୧୨ନଂ. ୱାର୍ଡରୁ କାଉନ୍‌ସିଲର ପ୍ରାର୍ଥୀ ଥିଲେ ଏବଂ ବସନ୍ତଙ୍କ ବିରୋଧରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତଥର ସେ ଭାଜପାରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ଦଳର ସଫଳତା, ପାରାଦୀପ ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ଗୋଟି ଚାଳନାକୁ ପାଥେୟ କରି ସେ ଭଲ କରିବେ ବୋଲି ଆଶାବାଦୀ ଅଛନ୍ତି। ଅନ୍ୟତମ ପ୍ରତିଦ୍ୱନ୍ଦି ହେଲେ ଆଇନଜୀବୀ ଦେବବ୍ରତ। ସେ ବିଭିନ୍ନ ସଂଗଠନ ସହ ଜଡ଼ିତ ରହିଛନ୍ତି। ଏତଦ୍‌ବ୍ୟତୀତ ସେ ହେଉଛନ୍ତି ଅରିନ୍ଦମ ସର୍ଖେଲ (ବାପି)ଙ୍କ ପ୍ରସ୍ତାବିତ ପ୍ରାର୍ଥୀ। ସର୍ଖେଲ କଂଗ୍ରେସ ନେତା ହୋଇଥିଲେ ହେଁ ସ୍ୱାଧୀନ ଭାବେ ୧୮ ଟି ୱାର୍ଡରେ କାଉନ୍‌ସିଲର ପଦ ପାଇଁ ପ୍ରାର୍ଥୀ ଦେଇଛନ୍ତି। କଂଗ୍ରେସ କେବଳ ଗୋଟିଏ ୱାର୍ଡରୁ ପ୍ରାର୍ଥୀ ଦେଇଛି। ବାପିଙ୍କ ପ୍ରସ୍ତାବିତ ପ୍ରାର୍ଥୀମାନଙ୍କୁ ସରକାରୀ ଭାବେ ସ୍ୱାଧୀନ କୁହାଯାଉଥିବାବେଳେ କିନ୍ତୁ ପ୍ରଚାର ଆମ ପାରାଦୀପ ଆମ ପ୍ରଗତି (ଏପିଏପି)ନାମରେ ହେଉଛି। ଏପରିକି ଏପିଏପିର ନିର୍ଦ୍ଦିଷ୍ଟ ରଙ୍ଗର ପତାକା ଓ ଲିଫଲେଟ ଆଦି ରହିଛି। ସେହି ଦୃଷ୍ଟିରୁ ଦେବବ୍ରତ ଅଧ୍ୟକ୍ଷ ଭାବେ ଅନ୍ୟ ୨ ଦଳ ସହ କଡ଼ା ଟକ୍କର ଦେବେ ବୋଲି ଆଲୋଚନା ହେଉଛି।

### ପ୍ରାର୍ଥୀମାନେ ଯାହା କୁହନ୍ତି



“ମୁଁ ଦୀର୍ଘ ଦିନ ହେଲା ପାରାଦୀପ ପୌରାଞ୍ଚଳରେ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କ ସହ ଜଡ଼ିତ ରହିଛି। ମୋ କାର୍ଯ୍ୟକାଳ ସମୟରେ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ପାରାଦୀପରେ ବସବାସ କରୁଥିବା ଲୋକଙ୍କ ପାଇଁ ଆହୁରି ଅନେକ କିଛି କାମ କରିବାକୁ ବାକି ରହିଛି। ମୋର କାମକୁ ପାଥେୟ କରି ରଣାଙ୍ଗନରେ ନିଶ୍ଚିତ ବିଜୟୀ ହେବି ବୋଲି ଆଶା ରହିଛି।

**ବସନ୍ତ ବିଶ୍ୱାଳ, ବିଜେଡି ପ୍ରାର୍ଥୀ**



“ପାରାଦୀପ ହେଉଛି ଶିଳ୍ପ ସହର। ଏଠାରେ ପ୍ରଦୂଷଣଠାରୁ ଆରମ୍ଭ କରି ଅନେକ ସମସ୍ୟା ରହିଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିଗିଡ଼ି ଯାଇଛି। ମୁଁ ଅଧ୍ୟକ୍ଷ ଭାବେ ଏସବୁର ପରିବର୍ତ୍ତନ ଆଣିବାକୁ ପ୍ରଥମେ ପ୍ରାଥମିକତା ଦେବି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ଅନେକ ଯୋଜନା କରାଯାଇଛି। ଏସବୁ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରାଇ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବି। ଏଥିସହ ପର୍ଯ୍ୟଟନ ବିକାଶ ନିଯୁକ୍ତି ଉପରେ ଆମେ କାମ କରିବୁ।

**ଗୌତମ ନାୟକ, ଭାଜପା ପ୍ରାର୍ଥୀ**



“ପାରାଦୀପର ବିଭିନ୍ନ ସଂଗଠନ ସହ ଜଡ଼ିତ ଥିବାରୁ ମୁଁ ବାସ୍ତବ ସମସ୍ୟା କେଉଁଠି ରହିଛି ଜାଣେ। ବର୍ଷା ଦିନେ ଜଳ ନିଷ୍କାସନ ବଡ଼ ସମସ୍ୟା ରହିଛି। ତା’ଛଡା ଏହି ସହର ଯେତିକି ସଫା ବୋଲି ପ୍ରଚାର କରାଯାଉଛି ବାସ୍ତବରେ ତାହା ନୁହେଁ। ମଶା ଓ ମାଛି ଦାଉରୁ ରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ମୁଁ ଜିତିଲେ କାମ ଗ୍ରାଉଣ୍ଡ ଜିରୋରୁ ଉପଲବ୍ଧ ହେବ। ତା’ଛଡା ସର୍ଖେଲଙ୍କ ଦୂରଦୃଷ୍ଟି ପାରାଦୀପକୁ ନବ କଳେବର କରିବ ବୋଲି ସେ କହିଛନ୍ତି।

**ଦେବବ୍ରତ ସାହୁ, ସ୍ୱାଧୀନ ପ୍ରାର୍ଥୀ (ଏପିଏପି)**

## ସଂକ୍ଷେପରେ

### ହାଇକୋର୍ଟ ବିଚାରପତିଙ୍କୁ ଭେଟିଲା ଓକିଲ ସଂଘ

କୁଜଙ୍ଗ,୧୫।୩(ଡି.ଏନ୍.ଏ.): ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସଙ୍କୁ କୁଜଙ୍ଗ ଓକିଲ ସଂଘର ସଦସ୍ୟମାନେ ତାଙ୍କ ବାସଭବନରେ ଭେଟିଛନ୍ତି। କୁଜଙ୍ଗ ଜୁଡିସିଆଲ କମ୍ପ୍ଲେକ୍ସକୁ କଟକ-ପାରାଦୀପ ରାଜ୍ୟ ରାଜପଥ ସହ ସଂଯୋଗ କରିବା ଲାଗି ଏକ ରାସ୍ତା ନିର୍ମାଣ କରାଯାଉଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ହାଇକୋର୍ଟଙ୍କ ମଞ୍ଜୁରୀ ମିଳିଲେ ଶୀଘ୍ର ରାସ୍ତା ନିର୍ମାଣ ହୋଇପାରିବ ବୋଲି ସଦସ୍ୟମାନେ କହିଥିଲେ। ଏହାଛଡ଼ା ଅନ୍ୟାନ୍ୟ ନ୍ୟାୟିକ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସଭାପତି ଅମୃତ ଦାସଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଏନ୍‌ଡି ଯାଦବ, ରମେଶ ଚନ୍ଦ୍ର ଦାସ, ଭାରତ ଭୂଷଣ ଦାସ, ସୁଶାନ୍ତ ପଟ୍ଟନାୟକ, କୈଳାସ ମହାପାତ୍ର ଓ ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ମହିଳା ମହାସଂଘର ନୂତନ ଗୃହ ଉଦ୍‌ଘାଟନ



ରାଜନଗର,୧୫।୩(ଡି.ଏନ.ଏ.): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ବଜାରଠାରେ ମା’ମାଟିଆ ମଙ୍ଗଳା ମହିଳା ମହାସଂଘର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଅଧାପିକା ଭଗବତୀ ରାଉତ ଯୋଗଦେଇ ଏହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଗାଁ ଗହଳିର ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଯୋଜନା ଲକ୍ଷ୍ୟ ନେଇ ଏହି ମହାସଂଘ କାର୍ଯ୍ୟ କରିବ ବୋଲି କହିଥିଲେ। ଏହି ଅବସରରେ ମହିଳାମାନଙ୍କୁ ସିଲେଇ ମେଶିନ, ଗୁଆ କାଟିବା ମେଶିନ ଓ ବିଉଟି ପାର୍ଲରର ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କର ଆର୍ଥିକ ଅବସ୍ଥା ସୁଧାରିବା ସହ ସ୍ୱାବଲମ୍ବୀ ହୋଇପାରିବେ। ମା’ମାଟିଆ ମଙ୍ଗଳା ମହିଳା ମହାସଂଘର ସଭାନେତ୍ରୀ ରୋଜିତା ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଛେଳି ଚୋରଙ୍କୁ ପୋଲିସ ଜିମା

ବିରିଡ଼ି,୧୫।୩(ଡି.ଏନ୍.ଏ.): ଛେଳି ଚୋରି ଅଭିଯୋଗରେ ବିରିଡି ଥାନା ଅନ୍ତର୍ଗତ ବମ୍ଭିଲୋ ଗ୍ରାମରେ ଗ୍ରାମବାସୀ ସୋମବାର ଜଣେ ଅଭିଯୁକ୍ତଙ୍କୁ ଧରି ପୋଲିସରେ ଜିମା ଦେଇଥିବା ବେଳେ ଅନ୍ୟ ଜଣେ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଏହି ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ଝିଅ ଛେଳି ଚରାଇ ଦେବୀ ନଦୀବନ୍ଧ ଦେଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହି ସମୟରେ ଜଗତସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହି ପଞ୍ଚାୟତ ଉତ୍ତରଣ୍ଡା ଗ୍ରାମର ସାର୍ଥକ ପଟ୍ଟନାୟକ (୨୮) ଓ ସଂଗ୍ରାମ ଜେନା(୨୭) ଏକ ବାଇକରେ ସେଠାରେ ପହଞ୍ଚି ଗୋଟିଏ ଛେଳି ନେଇ ପଳାଇ ଯାଇଥିଲେ। ଏହା ଦେଖି ସମ୍ପୃକ୍ତା ଝିଅ ପାଟି କରିବାରୁ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ଗୋଡ଼ାଇ ଧରିଥିଲେ। ମାତ୍ର ସେଠାରୁ ସାର୍ଥକ ଖସିଯିବାକୁ ସକ୍ଷମ ହୋଇଥିଲେ। ଗ୍ରାମବାସୀ ସଂଗ୍ରାମଙ୍କୁ ଧରି ମାଡ଼ ଦେବା ସହ ଶେଷରେ ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ମାମଲା ନଂ. ୪୨/୨୨ ରୁଜୁ କରାଯାଇଛି।

## ବିଦ୍ୟୁତ୍ ସମସ୍ୟା ଦୂର କରିବାକୁ ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ନାଉଗାଁ,୧୫।୩(ସ୍ୱ.ପ୍ର.)

ବିଦ୍ୟୁତ୍ ସମସ୍ୟା ଦୂର କରିବା ପାଇଁ ନାଉଗାଁ ବ୍ଲକ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀଙ୍କୁ ଦିଆଯାଇଛି। ସେମାନଙ୍କ ଦାବି ମୁତାବକ, ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ ଦିଆ ନ ଯିବା, ପ୍ରିପେଡ ବିଦ୍ୟୁତ୍ ମିଟର ଆଦି ନ ଲଗାଇବା, କମ୍ପାନୀ ହାତରେ ବିଦ୍ୟୁତ୍ ସେବା ଦାୟିତ୍ୱ ଦିଆ ନ ଯାଇ ସରକାର ଏହି ବିଭାଗକୁ ନିଜେ ପରିଚାଳନା କରିବା, ବାରମ୍ବାର ବିଦ୍ୟୁତ୍‌କାଟ ଓ ଲୋ ଭୋଲ୍‌ଟେଜ ସମସ୍ୟା ଦୂର କରିବା ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ରକୁ ଟାଟା ପାୱାର ଲିଡ ମ୍ୟାନେଜର ଦୀପକ ଭୂଇଁଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ମଞ୍ଚ ପକ୍ଷରୁ ବଂଶୀଧର ବେହେରା, ମହେଶ୍ୱର ଦାସ, ରଘୁନାଥ ଦାସ, ସୁବାସ ସ୍ୱାଇଁ, ଆର୍ତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ନିଆରା ସେବା

ରଘୁନାଥପୁର,୧୫।୩(ଡି.ଏନ୍.ଏ.)

ସୋମବାର ବିଶ୍ୱ ସମାଜ ସେବା ଦିବସ ହୋଇଥିବାବେଳେ ଏହାକୁ ନିଆରା ଢଙ୍ଗରେ ଜଣେ ସାମାଜିକ କର୍ମୀ ପାଳନ କରିଛନ୍ତି। ସେ ହେଲେ ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତର ସରିତ ମହାପାତ୍ର। ସେ ଏହି ଅବସରରେ ରାସ୍ତାରେ ବୁଲୁଥିବା କେତେଜଣ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ପରିଷ୍କାର ପରିଚ୍ଛନ୍ନ କରିବା ସହ କର୍କଟ ରୋଗରେ ଆକ୍ରାନ୍ତ ପରିବାରକୁ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହାଛଡା ସବୁଦିନ ପରି ରୋଗୀଙ୍କ ଘରେ ପହଞ୍ଚି ସେମାନଙ୍କୁ ଇଞ୍ଜେକ୍‌ଶନ ଦେବା, ଘା ସଫା କରି ବ୍ୟାଣ୍ଡେଜ କରିବା, ଏଥିସହ ମୂତ୍ରଥଳି ଲଗାଇବା ଆଦି କାର୍ଯ୍ୟ କରିଛନ୍ତି। ଏଥିରେ ତାଙ୍କୁ ତାଙ୍କ ବନ୍ଧୁମାନେ ମଧ୍ୟ ସହଯୋଗ କରିଛନ୍ତି। ଅପରାହ୍ନରେ ସରିତ ବନ୍ଧୁମାନଙ୍କ ସହ ମିଶି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଛନ୍ତି। ତାଙ୍କର ଏଭଳି ସେବା ମନୋବୃତ୍ତିକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ସରିତ କହିଛନ୍ତି, ଅସୁବିଧାରେ ଥିବା ଲୋକଙ୍କ ସମ୍ପର୍କରେ ଖବର ମିଳିଲେ ସେ ସେଠାରେ ପହଞ୍ଚି ସେମାନଙ୍କ ସେବା କରିଥାନ୍ତି।



ସାମାଜିକ କର୍ମୀ ସରିତ ମହାପାତ୍ର ଜଣେ ରୋଗୀଙ୍କ ସେବା କରୁଛନ୍ତି।

## ଶିକ୍ଷାବିତ୍ ସୁରେନ୍ଦ୍ରନାଥଙ୍କୁ ଶ୍ରଦ୍ଧାଞ୍ଜଳି

ପାଟକୁରା,୧୫।୩ (ଡି.ଏନ.ଏ.)

ଗରଦପୁର ବ୍ଲକ ବଡବେତରା ପଂଚାୟତ ପ୍ରଧାନପଟିକିରା ଗ୍ରାମର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ସୁରେନ୍ଦ୍ରନାଥ ରଥଙ୍କୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପ୍ରଥମ ବାର୍ଷିକୀ ଅବସରରେ ଅନୁଷ୍ଠିତ ସଭାରେ ପୁଜ୍ୟପାଦ ଗୁରୁ ମହାରାଜ, ପରମହଂସ ଶ୍ରୀମଦ ବ୍ରହ୍ମାନନ୍ଦ ସରସ୍ୱତୀ, ଶ୍ରୀମଦ ଆନନ୍ଦ ଚନ୍ଦ୍ର ବ୍ରହ୍ମଚାରୀ, ପଣ୍ଡିତ ଦୁର୍ଯ୍ୟୋଧନ ପାଣିଗ୍ରାହୀ, ପଣ୍ଡିତ ପ୍ରଭାକର ଆଚାର୍ଯ୍ୟ, ଏମ୍‌ପି ସୁବାସ ସିଂ, ଜିଲା ବିଜେଡି ସଭାପତି ରାଜେଶ ଦାସ, ମଧୁମତି ଅଗ୍ରୱାଲ, ସରପଞ୍ଚ ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାକୁ ସ୍ଥାନୀୟ ସ୍ମୃତି କମିଟିର ସଭ୍ୟମାନେ ପରିଚାଳନା କରିଥିଲେ।

## ଦଳୀୟ କନ୍ଦଳ ବିଜେଡିକୁ ଭାରି ପଡୁଛି

- ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ପୌର ନିର୍ବାଚନ
- ମଇଦାନରେ ଅଛନ୍ତି ସନ୍ତୁଷ୍ଟ-ଅସନ୍ତୁଷ୍ଟ ପ୍ରାର୍ଥୀ
- ପଟ୍ଟାମୁଣ୍ଡାଇ ଅଧ୍ୟକ୍ଷ, ବିଧାୟକଙ୍କୁ କଳାପତାକା

କେନ୍ଦ୍ରାପଡ଼ା ଅଫିସ, ୧୫।୩

କେନ୍ଦ୍ରାପଡ଼ା ଜିଲାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ତାଲିକାରେ ଥିବା ଅସନ୍ତୁଷ୍ଟ ପ୍ରାର୍ଥୀ ବିଜେଡି ସଙ୍ଗଠନର ଦୁର୍ବଳତା ପଦାରେ ପକାଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ ଥିବା ଦଳୀୟ କନ୍ଦଳ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ଓ ରାଜନଗର ବିଧାୟକଙ୍କୁ ଅଡୁଆରେ ପକାଇଛି। ପରାଜିତ ପ୍ରାର୍ଥୀ ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ସମର୍ଥକମାନେ ଉଭୟଙ୍କୁ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହିଠାରେ କଳାପତାକା ଦେଖାଇବା ସହ ଗାଳିଗୁଲଜ କରିଛନ୍ତି। ନବନିର୍ବାଚିତ ଅଧ୍ୟକ୍ଷ ସାମନ୍ତରାୟଙ୍କ ସମର୍ଥକମାନେ ସ୍ଥାନୀୟ ଚଉଦକୁଲାଟ ଫାଣ୍ଡିରେ ଏହି ଘଟଣାକୁ ବିରୋଧ କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। କେନ୍ଦ୍ରାପଡ଼ା ପୌର ନିର୍ବାଚନ ପ୍ରାର୍ଥୀ ତାଲିକାରେ ବିଜେଡିର ଅସନ୍ତୁଷ୍ଟ ପ୍ରାର୍ଥୀ ଏବେ ଦଳୀୟ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ ଦେଉଛନ୍ତି। ୱାର୍ଡ ନଂ.୨ରେ କାଉନ୍‌ସିଲର ପ୍ରାର୍ଥୀ ଭାବେ ବିଜେଡି ମୋ ପରିବାରର ଜିଲା ସଂଯୋଜକ କାଳୀପ୍ରସାଦ ମିଶ୍ର ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ବେଳେ ଏଠାରେ ଦଳୀୟ ପ୍ରାର୍ଥୀ ପୂର୍ବତନ କାଉନ୍‌ସିଲର ଦୁର୍ଗାପ୍ରସାଦ ପତି ନିର୍ବାଚନ ମଇଦାନରେ ଅଛନ୍ତି। ୱାର୍ଡ ନଂ.୬ରେ ସ୍ୱାଧୀନ ପ୍ରାର୍ଥୀ ଗୌତମ ସ୍ୱାଇଁ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେବା ସହ ୱାର୍ଡବାସୀଙ୍କ ସୁଖଦୁଃଖରେ ସହଭାଗୀ ହୋଇଛନ୍ତି। ଚଳିତ ନିର୍ବାଚନରେ ଏହି ୱାର୍ଡରୁ ପ୍ରଦୀପ୍ତ ଜେନାଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଛି। ଏହିପରି ପୌରାଞ୍ଚଳର ୮ଟି ୱାର୍ଡରେ ଅସନ୍ତୁଷ୍ଟ ବିଜେଡି କର୍ମକର୍ତ୍ତା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅଛନ୍ତି। ପଟ୍ଟାମୁଣ୍ଡାଇ ପୌର ନିର୍ବାଚନର ଦୁଇଟି ୱାର୍ଡରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଓ ପୂର୍ବତନ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ମିଳିତ ଫଟୋ ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ଏହି ଦୁଇ ନେତାଙ୍କର ସମର୍ଥକ ପ୍ରାର୍ଥୀ ପରସ୍ପର ମୁହାଁମୁହିଁ ହୋଇଥିବା ଆଲୋଚନା ହେଉଛି। ଏଠାରେ ଗତ ୧୨ ତାରିଖରେ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା। ଦଳୀୟ ପ୍ରାର୍ଥୀ ପ୍ରଦ୍ୟୁମ୍ନ ୧୯ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ସମର୍ଥନରେ ଜିତିଥିବା ସମିତିସଭ୍ୟା ଅନ୍ନପୂର୍ଣ୍ଣା ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ହୋଇ ୧୨ ଖଣ୍ଡ ଭୋଟ ପାଇଥିଲେ। ଅଧ୍ୟକ୍ଷ ପ୍ରାର୍ଥିତ୍ୱ ପଛରେ ପୂର୍ବତନ ବିଧାୟକ ତରାଇଙ୍କ ହାତ ଥିବା ନେଇ ଅନ୍ନପୂର୍ଣ୍ଣା ବୟାନ ଦେଇଛନ୍ତି। ଏଥିସହ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ ଓ ରାଜନଗର ବିଧାୟକ ସାହୁଙ୍କୁ ମଙ୍ଗଳବାର ପରାଜିତ ପ୍ରାର୍ଥୀ ଅପମାନଜନକ ସ୍ଥିତିରେ ପକାଇଛନ୍ତି। ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ା କହିଛନ୍ତି, ଜିଲାର ଦୁଇ ପୌରାଞ୍ଚଳ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଦିଆଯାଇଛି। ପ୍ରାର୍ଥୀଙ୍କ ପାଇଁ ଦଳୀୟ ସଙ୍ଗଠନ କାର୍ଯ୍ୟ କରୁଛି। ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଭାବ ଦଳ ଉପରେ ପଡ଼ିବ ନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଥିବା ଦଳୀୟ ଅସନ୍ତୋଷ ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି।

## କଂଗ୍ରେସ ଗଡ଼ରେ ବିଜେଡି, ଭାଜପାର ରଣହୁଙ୍କାର

### ଜଗତ୍‌ସିଂହପୁର ପୌର ନିର୍ବାଚନ

- ୪ନଂ. ୱାର୍ଡରେ ଲଢ଼େଇକୁ ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର ଅଫିସ, ୧୫।୩

ଜଗତ୍‌ସିଂହପୁର ପୌର ପରିଷଦର ୪ନଂ. ୱାର୍ଡଟି ସବୁ ନିର୍ବାଚନ ସମୟରେ ଚର୍ଚ୍ଚାରେ ଥାଏ। କାରଣ ଏହି ୱାର୍ଡଟି ୧୫ ବର୍ଷ ଧରି କଂଗ୍ରେସ ଦଖଲରେ ରହିଆସିଛି। କିନ୍ତୁ ଏଥର ଚିତ୍ର ବଦଳିଛି। ଭାଜପା ଏଥର ପ୍ରାର୍ଥୀ ଦେଇଥିବାବେଳେ ଜଣେ ଉଚ୍ଚଶିକ୍ଷିତା ମହିଳା ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଲଢେଇ ଜୋରଦାର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

୪ନଂ. ୱାର୍ଡ କହିଲେ ଲାଲା ସାହିର ୬ନଂ. ବୁଥକୁ ବୁଝାଏ। ଏହା ଏକ ଛୋଟ ୱାର୍ଡ। ୨୦୧୩ ନିର୍ବାଚନରେ ଭୋଟର ସଂଖ୍ୟା ଥିଲା ମାତ୍ର ୫୫୦, ଯେଉଁଥିରୁ ୪୨୫ ଜଣ ମତଦାନ କରିଥିଲେ। ଏହି ନିର୍ବାଚନରେ ବିଜେଡିର ରେବତୀ ମଲ୍ଲିକଙ୍କୁ ୧୦୦ ଓ କଂଗ୍ରେସର ସୁବାସ ଚନ୍ଦ୍ର ସାହୁଙ୍କୁ ୩୨୫ ଖଣ୍ଡ ଭୋଟ ମିଳିଥିଲା। ତେଣୁ କଂଗ୍ରେସ ପ୍ରାର୍ଥୀ ୨୨୫ ଖଣ୍ଡ ଅଧିକ ଭୋଟରେ ବିଜୟୀ ହୋଇଥିଲେ।



ସୋନାଲି ସିଂ



ଅର୍ଚ୍ଚନା ଦାସ

ଏଥର ୧୦୫ ଜଣ ଭୋଟର ବଢି ଏହି ସଂଖ୍ୟା ୬୫୬କୁ ଛୁଇଁଛି, ଯେଉଁଥିରେ ମହିଳା ୩୨୦ ଓ ପୁରୁଷଙ୍କ ସଂଖ୍ୟା ୩୩୬। ଏଠାରୁ ବିଜେଡିରୁ ସୋନାଲି ସିଂହ, କଂଗ୍ରେସରୁ ପ୍ରତିମା ମଞ୍ଜରୀ ସିଂହ ଓ ଭାଜପାରୁ ଅର୍ଚ୍ଚନା ଦାସ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ସୋନାଲି କହିଛନ୍ତି, ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ଲୋକେ ଯୋଗ୍ୟ ବୋଲି ଭାବି ଗ୍ରହଣ କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରତି ଲୋକେ ଆସ୍ଥା ପ୍ରକଟ କରିଛନ୍ତି। ଯେହେତୁ ଏବେ ବିଜେଡି ସପକ୍ଷରେ ସ୍ରୋତ ଅଛି ତେଣୁ ସେ ଜିତିବେ ବୋଲି ଆଶା ରଖିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀଙ୍କ ବୋହୂ ଏହି ଦଳରୁ ଅଧ୍ୟକ୍ଷା ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗୋଟିଏ ପରିବାରର ୨ ଜଣ ପ୍ରାର୍ଥୀ ହୋଇଥିବାରୁ ଲୋକେ ଗ୍ରହଣ କରିପାରୁ ନାହାନ୍ତି। ବିଭିନ୍ନ କାରଣରୁ କଂଗ୍ରେସ ତାର ପୂର୍ବ ସ୍ଥିତି ହରାଇଛି ବୋଲି ସୋନାଲି କହିଛନ୍ତି। ଭାଜପା ପ୍ରାର୍ଥୀ ଅର୍ଚ୍ଚନା ମଧ୍ୟ ରାଜନୀତିରେ ନୂଆ। ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଥିବାରୁ ଉତ୍ସାହିତ ଅଛନ୍ତି। ସେ କହିଛନ୍ତି, ଡୋର କ୍ୟାମ୍ପେନିଂ ବେଳେ ଲୋକେ ସ୍ନେହ, ଶ୍ରଦ୍ଧା କରୁଛନ୍ତି। ଭୋଟ ଦେବେ ବୋଲି କହୁଛନ୍ତି। କେନ୍ଦ୍ରରେ ମୋଦି ସରକାର ଉପରେ ଆସ୍ଥା ପ୍ରକଟ କରି ଲୋକେ ତାଙ୍କୁ ଭୋଟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରତିମା କହିଛନ୍ତି, ତାଙ୍କ ପରିବାର ଲୋକଙ୍କ ସାଥିରେ ରହିଛି। ତେଣୁ ଲୋକେ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ଆଶା ରଖିଛନ୍ତି। ଆଗକୁ ଦେଖିବାର ଅଛି ବାସ୍ତବ ଚିତ୍ର କ’ଣ ହେଉଛି।

## ଡିଜେ ବଦଳରେ ଘଣ୍ଟ, ସଂକୀର୍ତ୍ତନ



ମନ୍ଦିର ବେଢ଼ାରେ ଅନୁଷ୍ଠିତ ବୈଠକ।

### ଶ୍ରୀଲଛମନଜୀଉଙ୍କ ମେଳଣ

ଡେରାବିଶ,୧୫।୩(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ଶ୍ରୀଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ଆସନ୍ତା ୧୯ ତାରିଖରେ ମେଳଣ ଅନୁଷ୍ଠିତ ହେବ। ମେଳଣଟି ବ୍ଲକ ଅଞ୍ଚଳର ବହୁ ପୁରାତନ ହୋଇଥିବାରୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ମେଳଣକୁ ଶୃଙ୍ଖଳିତ କରିବାକୁ ମେଳଣ ଶାନ୍ତି କମିଟିର ବୈଠକ ମଙ୍ଗଳବାର ଅପରାହ୍ନରେ ଶ୍ରୀଜୀଉଙ୍କ ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଶିବ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ କୁମାର ସାହୁ, ଗୁଆଳସିଂ ସମିତିସଭ୍ୟ ନୀଳମଣି ନାଥ, କସ୍ତୁରୀ ଚରଣ ପାତ୍ର ଯୋଗଦେଇଥିଲେ। ମେଳଣରେ ପ୍ରଶାସନିକ କଟକଣା ପାଇଁ କୌଣସି ବିମାନ ଶୋଭାଯାତ୍ରାରେ ଡିଜେ ବାଜା ସାମିଲ ହେବ ନାହିଁ ବୋଲି ସଭାପତି ସୂଚନା ଦେଇଥିଲେ। ଏନେଇ ପାରମ୍ପରିକ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରା କରିବାକୁ ଉପସ୍ଥିତ ଠାକୁରବାଡ଼ି ସେବକ ପ୍ରତିନିଧିଙ୍କୁ ସଭାପତି ସାହୁ ପରାମର୍ଶ ଦେଇଥିଲେ। ମେଳଣର ଥାନପତି ଭାବେ ଶ୍ରୀଲଛମନଜୀଉଙ୍କ ବିମାନ ନିଜ ଆସନରେ ଉପବେଶନ କରିବା ପରେ କ୍ରମାନ୍ୱୟରେ ଅନ୍ୟ ବିମାନଗୁଡ଼ିକ ମେଳଣ ପଡ଼ିଆକୁ ପ୍ରବେଶ କରିଥାଏ। ବୈଠକରେ ମେଳଣକୁ ଆସୁଥିବା ସମସ୍ତ ଠାକୁରବାଡ଼ି ସେବକ ପ୍ରତିନିଧିଙ୍କ ସହ କମିଟିର ସଦସ୍ୟ କିଶୋର ଚନ୍ଦ୍ର ପୋଥାଳ, ସତ୍ୟନାରାୟଣ ବେହେରା, କାଙ୍ଗାଳି ଚରଣ ବାରିକ, ଫଗୁ ଚରଣ ସାହୁ, ବିଜୟ କୁମାର ପରିଡ଼ା, ସମସ୍ତ ମଠାଧୀଶଙ୍କ ସମେତ ବହୁ ମୁରବି ଶ୍ରେଣୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମଣ୍ଡିରେ ପଡ଼ିରହିଛି ଚାଷୀଙ୍କ ଧାନ

- ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଦେଲେ ଆନ୍ଦୋଳନ
- ବେପାରୀ, ଅଧିକାରୀ ହେଉଛନ୍ତି ମାଲାମାଲ୍

କେନ୍ଦ୍ରାପଡ଼ା ଅଫିସ, ୧୫।୩

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଓସ୍ତିଆ କୃଷି ସମବାୟ ସମିତି ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀମାନେ ବିକ୍ଷୋଭ କରିଛନ୍ତି। ଟୋକନ ନାହିଁ, ଅପେକ୍ଷା କର ବୋଲି ସମିତି କାର୍ଯ୍ୟକର୍ତ୍ତା ଚାଷୀଙ୍କୁ କହୁଛନ୍ତି। ମହାକାଳପଡ଼ା ବ୍ଲକର ବରକନ୍ଦାରେ ମଧ୍ୟ ସମାନ ସମସ୍ୟା। ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭକରି ସମିତି କାର୍ଯ୍ୟକର୍ତ୍ତାଙ୍କ ଅଣଦେଖା ବାଧୁଛି। କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସୀମିତ ନୁହେଁ। ଜିଲାସାରା ମଣ୍ଡିରୁ ଧାନ ଉଠା ଯାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ମଣ୍ଡି ସମୟ ଅବଧି ସରିବାକୁ ଯାଉଥିବାରୁ ଅଭାବି ବିକ୍ରି ଆରମ୍ଭ ହୋଇଯାଇଛି। ବେପାରୀ ଓ ଅଧିକାରୀ ମାଲାମାଲ ହେବା ପାଇଁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରି ଗାଁର ନିରଞ୍ଜନ ପରିଡା କହିଛନ୍ତି, ମଣ୍ଡିରେ ଧାନ ବିକ୍ରି ହେବ। ହାତକୁ ଦୁଇ ପଇସା ଆସିଲେ ଚଳିତବର୍ଷ ଝିଅ ବାହାଘରର ଝମେଲା ତୁଟିବ। ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇଥିଲି। ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ କଲି । ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା। ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲି। ତେବେ ବିକ୍ରି ଟୋକନର ସମୟ ଅବଧି ସରିବା ସତ୍ତ୍ୱେ ଅଦ୍ୟାବଧି ମଣ୍ଡି ଅଧିକାରୀ ଟାର୍ଗେଟ ନ ଥିବା ଦର୍ଶାଇ ଧାନ ନେଉନାହାନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର କୃଷି ସମବାୟ ସମିତିର ସଭ୍ୟ ତଥା ଗଣ୍ଡକୂଳ ଗ୍ରାମର ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ ଚାଷୀଙ୍କ ଝାଳର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା ଅଭିଯୋଗ କରିଛନ୍ତି। ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତ ବର୍ଷ ଖରିଫ ଧାନ ଚାଷ କରିଥିଲେ। ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ। ଏପରିକି ଚଳିତ ବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ପ୍ରାୟ ୧୫ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସ ମଧ୍ୟରୁ ଅଧିକାଂଶରେ ଟୋକନ ସମସ୍ୟା ଦେଖା ଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମତ ଦେଇଛନ୍ତି। ଓଡିଶା ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କୃଷି ଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାର ଚାଷୀ ସର୍ବଦା ଅବହେଳା ଓ ପ୍ରତାରଣାର ଶିକାର ହେଉଛନ୍ତି। ଚଳିତବର୍ଷ ଧାନ କିଣା ଅନିୟମିତତାରେ ଅଦ୍ୟାବଧି ୫ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ କଳା କାରନାମା ଧରାପଡିବା ପରେ ନିଲମ୍ବିତ ହୋଇଛନ୍ତି। ୨୦୧୬ରେ ଏହି ପରିସ୍ଥିତି ସୃଷ୍ଟି ଫଳରେ ଜଣେ ରାଜନେତା ବେପାରୀଙ୍କ ଧାନ ସରକାରୀ ମଣ୍ଡିରେ ଦେଇ କୋଟିଏ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଥିଲା। ଏହା ବ୍ୟତୀତ ଜିଲାରେ ଧାନ ଟାର୍ଗେଟ ଅନୁଯାୟୀ, ଗତ ୨୦୧୩-୧୪ ଆର୍ଥିକ ବର୍ଷରୁ ଅଦ୍ୟାବଧି କିଣା ଯାଇନାହିଁ। ଏ ସମ୍ପର୍କରେ ସିଏସ୍‌ଓ ପ୍ରଶାନ୍ତ କୁମାର ଗୋଚ୍ଛାୟତ କହିଛନ୍ତି, ଟୋକନକୁ ନେଇ କିଛି ସମସ୍ୟା ଅଛି। ତେବେ ସମୟ ଅବଧି ମଧ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ ହେବ ବୋଲି ସେ ମତ ଦେଇଛନ୍ତି।



ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା।

## ୪ ଶିକ୍ଷକଙ୍କୁ ନିର୍ବାଚନ ଡ୍ୟୁଟିରୁ ହଟାଇବାକୁ ଦାବି

**ପାରାଦୀପ,(ସ୍ୱ.ପ୍ର.):** ପାରାଦୀପ ପୌର ନିର୍ବାଚନ ପାଇଁ ପୋଲିଂ କର୍ମଚାରୀ ଚୟନ ସରିଲାଣି। ଏଥିରେ ପାରାଦୀପ ପୌରାଞ୍ଚଳର ୪ ଜଣ ଶିକ୍ଷକଙ୍କୁ ପୋଲିଂ ଡ୍ୟୁଟିରୁ ହଟାଇବା ପାଇଁ ଦାବି ହୋଇଛି। ଭାଜପା ନେତା ସମ୍ପଦ ସ୍ୱାଇଁ ଏ ସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ତାଙ୍କ କହିବାନୁଯାୟୀ, ସମ୍ପୃକ୍ତ ଶିକ୍ଷକଙ୍କ ପରିବାର ଲୋକେ ହେଉଛନ୍ତି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡିର କର୍ମୀ। ଏନେଇ ସେମାନଙ୍କୁ ଏଠାରେ ନିର୍ବାଚନ ଦାୟିତ୍ୱରେ ରଖାଗଲେ ପକ୍ଷପାତିତା ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି, ସମ୍ପୃକ୍ତ ଶିକ୍ଷକମାନଙ୍କ ଡ୍ୟୁଟି କରିବାରେ କୌଣସି ଅସୁବିଧା ନାହିଁ। ସେମାନେ ଯେଉଁ ୱାର୍ଡରେ ରହୁଛନ୍ତି ସେଠାରେ ସେମାନଙ୍କ ଡ୍ୟୁଟି ପଡିବ ନାହିଁ।

## ସଂକ୍ଷେପରେ

### ଜାରକା ମେଳଣ ବାତିଲ

**ଧର୍ମଶାଳା,୧୫।୩(ଡି.ଏନ୍.ଏ.):** କରୋନା କଟକଣା ଓ ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଚଳିତ ବର୍ଷ ଜାରକା ମେଳଣକୁ ବାତିଲ କରାଯାଇଛି। ଜାରକା ମେଳଣ କମିଟିର ସଭାପତି ଅଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଏକ ବୈଠକ ବସିଥିଲା। ଜଳଧର ସାହୁଙ୍କ ସୂଚନା ଅନୁଯାୟୀ, ଜାତୀୟ ରାଜପଥ କାମ ଯୋଗୁ ଯାତାୟତରେ ନାନା ବାଧା ସୃଷ୍ଟି ହେଉଛି। ଏହା ସହ କୋଭିଡ କଟକଣା ରାଜ୍ୟ ସରକାର ସମ୍ପୂର୍ଣ୍ଣ ଉଠାଇ ନାହାନ୍ତି। ଏଣୁ ଚଳିତ ବର୍ଷ ମେଳଣ କରିବା ସମ୍ଭବପର ନୁହେଁ। ଏହି ପ୍ରସ୍ତାବକୁ ଯୋଗଦେଇଥିବା ବାବାଜୀ ପରିଡା, କିଶୋର ନାୟକ, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ଅଜାମ୍ବର ସାହୁ, ସତ୍ୟପ୍ରିୟ ମହାନ୍ତି, ଅର୍ଜୁନ ସାହୁ, ନକୁଳ ସାହୁ, ରାମଚନ୍ଦ୍ର ମଲ୍ଲିକ ପ୍ରମୁଖ ସମର୍ଥନ ଜଣାଇ ଥିଲେ। ଚଳିତ ବର୍ଷ ଥାନପତିଙ୍କୁ ନିମନ୍ତ୍ରଣ କରାଯାଇ ମେଳଣ ରକ୍ଷା କରାଯିବ। ଜାରକା ଠାକୁର ଏକାକୀ ହୋଲି ଖେଳି ମଞ୍ଚକୁ ଯିବେ।

### ଆଦର୍ଶ ଆଚରଣ ବିଧି ପାଳନ ପାଇଁ ପରାମର୍ଶ



**ଯାଜପୁର ଟାଉନ,୧୫।୩(ଡି.ଏନ.ଏ.):** ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଗାମୀ ପୌର ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରି ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣବିଧିକୁ କଡାକଡି ଅନୁପାଳନ କରିବାକୁ ଅନୁରୋଧ କରିଥିଲେ। ପ୍ରାର୍ଥୀମାନେ ସର୍ବସାଧାରଣ ସ୍ଥାନ, ସରକାରୀ କାର୍ଯ୍ୟାଳୟରେ ପ୍ରଚାର ବା ପ୍ରଚାର ପତ୍ର ମାରିପାରିବେ ନାହିଁ ବୋଲି ପରାମର୍ଶ ଦେଇଥିଲେ। ବିଶୃଙ୍ଖଳା ସୃଷ୍ଟି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ରାହୁଲ ପି.ଆର. ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବିଭାଗ ପ୍ରସ୍ତୁତ ରହିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଅତିରିକ୍ତ ଜିଲାପାଳ (ପ୍ରଶାସନ) ମିହିର ପ୍ରସାଦ ମହାନ୍ତି ନିର୍ବାଚନ ପରିଚାଳନା ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

### ମଣିପୁରରେ ଅଗ୍ନିକାଣ୍ଡ, ୨ ବଖରା ଜଳିଗଲା

**ପାଣିକୋଇଲି,୧୫।୩:(ଡି.ଏନ୍.ଏ.):** ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ କାଳିନ୍ଦୀ ମଲିକଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୁଇ ବଖରା ଘର ସମେତ ଗୁହାଳ ଓ ସମସ୍ତ ଆସବାବ ପତ୍ର ଜଳି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ ଅବା ଗୁହାଳ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳୁ ଖବର ପାଣି ପାଣିକୋଇଲି ଆରଆଇ ସୁଧି ରଞ୍ଜନ ମଲ୍ଲିକ ଘଟଣାସ୍ଥଳେ ପହଞ୍ଚି ତଦନ୍ତ କରିବା ସହ କାଳନ୍ଦୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ସେହିପରି ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡାଙ୍କ ପ୍ରତିନିଧି ସୂର୍ଯ୍ୟମଣି ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ପ୍ରଶାନ୍ତ ନାଥ, ଜଗଦୀଶ୍ୱର ମଲ୍ଲିକ ପ୍ରମୁଖ ଅଗ୍ନିପିଡ଼ିତଙ୍କ ପାଖରେ ପହଞ୍ଚି ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି।

# ବ୍ୟାସନଗରରେ ମାନିଲେନି ବିଦ୍ରୋହୀ

**ଯାଜପୁର ଅଫିସ,୧୫।୩**

ପୌର ନିର୍ବାଚନକୁ ଆଉ ମାତ୍ର ୮ ଦିନ ବାକି ଅଛି। ଯାଜପୁର ଜିଲାର ୨ ସହର ବ୍ୟାସନଗର ଓ ଯାଜପୁରରେ ଭୋଟ ପ୍ରଚାର ଜମିଛି। ରୋଡ଼ଶୋ, ପଦଯାତ୍ରା, ମାଇକ୍‌ରେ ପ୍ରଚାର ଚାଲିଛି। ପ୍ରମୁଖ ରାଜନୈତିକ ଦଳର ନେତାମାନେ ନିଜ ନିଜ ପ୍ରସଙ୍ଗ ଉଠାଇ ଭୋଟରଙ୍କ ସମର୍ଥନ ଲୋଡ଼ିବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଓ ବ୍ୟାସନଗରରେ ପ୍ରାର୍ଥୀମାନଙ୍କୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। ଯାଜପୁରରେ ବିଦ୍ରୋହୀ ବିଜେଡିଙ୍କୁ ଦଳୀୟ ନେତା ମନେଇବାକୁ ସଫଳ ହୋଇଥିବାବେଳେ ବ୍ୟାସନଗରରେ ତାହା ଫସର ଫାଟିଛି। ଏଥିପାଇଁ ବ୍ୟାସନଗର ପୌର ନିର୍ବାଚନରେ ୧୯ ଜଣ ବିଜେଡି ବିଦ୍ରୋହୀ ଓ ଅନ୍ୟାନ୍ୟ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଏହା ବିଜେଡି ପାଇଁ ଘାତକ ହୋଇପାରେ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ଏ ପର୍ଯ୍ୟନ୍ତ ପ୍ରମୁଖ ଦଳର କୌଣସି ହେଭିୱେଟ ନେତା ପ୍ରଚାର ଅଭିଯାନରେ ସାମିଲ ହୋଇ ନାହାନ୍ତି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ବିଶେଷକରି ନିର୍ବାଚନୀ ଗୀତକୁ ଅଧାର କରି ପ୍ରଚାର ସରଗରମ ହୋଇଛି। ଏଥିଯୋଗୁ ଶବ୍ଦ ପ୍ରଦୂଷଣ ଉତ୍କଟ ହେବା ସହ ଛାତ୍ରୀଛାତ୍ରଙ୍କ ପାଠ ପଢା ବ୍ୟାହତ ହେଉଥିବା ଅଭିଯୋଗ ହେଉଛି। ଆଗକୁ ପରୀକ୍ଷା ଋତୁ ଆସୁଥିବାରୁ ଅଭିଭାବକମାନଙ୍କ ଚିନ୍ତା ବଢ଼ିଛି। ତେବେ ବ୍ୟାସନଗର ଭୋଟର ବିଜେଡି ଅବା ବିଜେଡି ବିଦ୍ରୋହୀ, କାହାକୁ ଭୋଟ ଦେବେ ତାହା ଆଶା ଆଶଙ୍କାରେ ରହିଛନ୍ତି। ବ୍ୟାସନଗର ପୌରାଞ୍ଚଳ ୧ ନଂ. ୱାର୍ଡରେ ଇନ୍ଦ୍ରଜିତ ପହି, ୩ ନମ୍ବର ୱାର୍ଡରେ ନିକିତା ମଣ୍ଡଳ, ୫ ନମ୍ବର ୱାର୍ଡରେ ବୀଣାପାଣି ପାଳ, ୬ ନଂ. ୱାର୍ଡରେ ସୁଶ୍ରୀ ସଙ୍ଗୀତା ଧୀର, ୮ନଂ. ୱାର୍ଡରେ ଅଶୋକ କୁମାର ଦାସ, ବଳରାମ ମଳିକ ଓ ଭରତ ବିରୁଆ, ୧୨ନଂ. ୱାର୍ଡରେ ବ୍ରଜେଶ୍ୱରୀ ସିଂ, ୧୬ ନମ୍ବର ୱାର୍ଡରେ ଶିବାନନ୍ଦ ନାୟକ, ୧୯ ନଂ. ୱାର୍ଡରେ ବୃନ୍ଦାବତୀ ବେହେରା, ୨୦ ନମ୍ବର ୱାର୍ଡରେ ମନୋରମା ମଳିକ, ୨୩ ନଂ. ୱାର୍ଡରେ ପଦ୍ମନାଭ ସ୍ୱାଇଁ ଓ ବ୍ରିଜେଶ କୁମାର ରାଉତ, ୨୪ ନମ୍ବର ୱାର୍ଡରେ ପ୍ରସନ୍ନ କୁମାର ସାମଲ, ୨୫ ନଂ. ୱାର୍ଡରେ ମୀନାକୁମାରୀ ମଲ୍ଲିକ ଏବଂ ୨୬ ନଂ. ୱାର୍ଡରେ କଳ୍ପନା ରାଉତ ଓ ଝୁନାରାଣୀ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଜେଡିରୁ ଟିକେଟ ନ ମିଳିବାରୁ ବିଦ୍ରୋହୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ସ୍ୱାଧୀନପ୍ରାର୍ଥୀମାନେ ବିଜେଡି ପାଇଁ ବୁମେରାଂ ହେବ ବୋଲି କୁହାଯାଉଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପୂର୍ବରୁ ବିଜେଡି ନେତୃବର୍ଗ ବିଦ୍ରୋହୀମାନଙ୍କୁ ମନାଇବାକୁ ଉଦ୍ୟମ କରିଥିଲେ ହେଁ ସେମାନେ କାହା କଥା ନ ଶୁଣି ନିର୍ବାଚନ ମଇଦାନରେ ଲଢେଇ ହେବ ବୋଲି ଆହ୍ୱାନ ଦେଇଛନ୍ତି। ଗତ ପୌର ନିର୍ବାଚନରେ ବ୍ୟାସନଗରରେ ବିଜେଡିକୁ ୧୬ ଏବଂ କଂଗ୍ରେସକୁ ୯ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଆସନ ମିଳିଥିଲା। ତେବେ ଗତ କାଉନସିଲ୍ ସମୟରେ ୩ଥର ଅନାସ୍ଥା ପ୍ରସ୍ତାବ ଆସିଥିଲା ଓ ବିକାଶ ପ୍ରତି ଅବହେଳା କରାଯାଇଥିବାରୁ ବିଜେଡି ଉପରେ ସହରବାସୀ ସାମାନ୍ୟ ଅସନ୍ତୁଷ୍ଟ ଥିବା ଆଲୋଚନା ହେଉଛି। ଯାହାକି ବିଦ୍ରୋହୀ ପ୍ରାର୍ଥୀଙ୍କୁ ସୁହାଉଛି ବୋଲି ମତପ୍ରକାଶ ପାଇଛି। ଏହା ଅଧକ୍ଷା ପଦବୀ ପାଇଁ ମତଦାନରେ ମଧ୍ୟ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ କେତେକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀମାନେ ଦଳୀୟ ପ୍ରାର୍ଥୀଙ୍କଠାରୁ ପ୍ରଚାର ଅଭିଯାନରେ ଆଗୁଆ ରହିଛନ୍ତି।

ଅନ୍ୟପକ୍ଷେ ଯାଜପୁରରେ ବିଦ୍ରୋହୀ ପ୍ରାର୍ଥୀ ନାହାନ୍ତି। ଯେଉଁ କେତେଜଣ ବିଦ୍ରୋହୀ ରହିଥିଲେ ସେମାନଙ୍କୁ ବିଜେଡି ନେତୃବର୍ଗ ମନାଇବାକୁ ସକ୍ଷମ ହୋଇଥିଲେ। ସେମାନଙ୍କ ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ଏବଂ ପ୍ରତ୍ୟାହାର ସମୟରେ ଓହରି ଯାଇଥିଲେ। ଏହିକ୍ରମରେ ୨ ନଂ. ୱାର୍ଡରେ ସସ୍ମିତା ମିଶ୍ର ଓ ୧୨ ନଂ. ୱାର୍ଡରେ କଳ୍ପନା ବେହେରା, ମମତା ବେହେରା, ୧୪ ନଂ. ୱାର୍ଡରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ସ୍ୱାଧୀନ ଭାବେ ଲଢୁଛନ୍ତି। ଏଠାରେ ସ୍ୱାଧୀନ ପ୍ରାର୍ଥୀ ପାଇଁ ବିଜେଡିକୁ ସେତେଟା ପ୍ରଭାବ ପଡିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

**ପୌର ନିର୍ବାଚନ**
- ଯାଜପୁରରେ ୪ ସ୍ୱାଧୀନ ପ୍ରାର୍ଥୀ



## ଦାୟିତ୍ୱ ନେଲେ କଣ୍ଡିରା, କୁରୁଣ୍ଟି ସରପଞ୍ଚ

**ରାଜନଗର, ୧୫।୩(ଡି.ଏନ.ଏ.)**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ସରପଞ୍ଚ ସସ୍ମିତା ମହାନ୍ତି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ପୂଜା ପାଠ ପରେ ସରପଞ୍ଚ ମହାନ୍ତି ଦାୟିତ୍ୱ ନେଇଛନ୍ତି। ମହାନ୍ତି ପୂର୍ବରୁ ୨୦୧୨ରୁ ୨୦୧୭ ଯାଏ ଏହି ପଞ୍ଚାୟତର ସରପଞ୍ଚ ଥିଲେ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସମିତିସଭ୍ୟା ପ୍ରେମଲତା ଦାସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ଦାସ, ନାଏବ ସରପଞ୍ଚ ବିଦ୍ୟାଧର ରାଉତ, ୱାର୍ଡ ସଭ୍ୟା ସବିତା ସେଠୀ, ମଞ୍ଜୁଲତା ଦାସ, ପ୍ରିୟଙ୍କା ସାହୁ, ସୁମିତ୍ରା ରାଉତ, ଛବିଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣ୍ଡିରା ପଞ୍ଚାୟତର ନବ ନିର୍ବାଚନ ସରପଞ୍ଚ ହେମଲତା ମାହୁନ୍ତ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ନାଏବ ସରପଞ୍ଚ ରାଧାକାନ୍ତ ମଣ୍ଡଳ, ୱାର୍ଡସଭ୍ୟ ଅର୍ଜୁନ ସାହୁ, ମଗୁଲି ଚରଣ ଦାସ, ମିନତୀ ବେହେରା, ସୁଚିତ୍ରା ପ୍ରଧାନ, ତୁଳସୀ ମଳିକ, ଗୋଲେଖ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଜମି ପଟ୍ଟା ଖାରଜ ଦାବି ଜୋର ଧରିଲା

**ଧର୍ମଶାଳା,୧୫।୩(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ କପିଳେଶ୍ୱରପୁର ମୌଜାରୁ ଜଣେ ବ୍ୟକ୍ତି କିଣିଥିବା ଜମିକୁ ଅନ୍ୟ ଜଣେ ବେଆଇନ ଭାବେ ନିଜ ନାମରେ ପଟ୍ଟା କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କିଣିଥିବା ଜମି ମାଲିକ ସପରିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ଉକ୍ତ ତହସିଲ ଅନ୍ତର୍ଗତ ମୌଜା କପିଳେଶ୍ୱର ୧ର ଖାତା ନମ୍ବର ୭୦/୫, ପ୍ଲଟ ନମ୍ବର ୧୦୫ରେ ଥିବା ବଡମଙ୍ଗଳପୁର ଗ୍ରାମର ଅନନ୍ତ ଶତପଥୀଙ୍କ ୯ ଡେସିମିଲ ଜମିକୁ ଦୁବଗାଡିଆ ଗ୍ରାମର ଭୀମସେନ ସାହୁ ୧୯୯୭ରେ ରେଜେଷ୍ଟ୍ରି କାର୍ଯ୍ୟାଳୟରେ କବଲା କରି କ୍ରୟ କରିଥିଲେ। ଏଥିସହ ଏହି ଜମିକୁ ତହସିଲରେ ଦାଖଲ ଖାରଜ କରି ପଟ୍ଟା ପାଇ ଖଜଣା ଦେଉଥିଲେ। ତେବେ ଗତ ଜାନୁୟାରୀରେ ଜମିର ଖଜଣା ଦେବାକୁ ସାହୁ ଆରଆଇ ଅଫିସକୁ ଯାଇଥିଲେ। ହେଲେ ଏହି ଜମି ଅଚ୍ୟୁତପୁର ଗ୍ରାମର ମାୟାଧର ଖଟୁଆ ଓ ସୁକୁଟି ଖଟୁଆଙ୍କ ନାମରେ ରେକର୍ଡ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏସମ୍ପର୍କରେ ସେ ଧର୍ମଶାଳା ତହସିଲଦାରଙ୍କୁ ଅବଗତ କରିଥିଲେ। ହେଲେ ତହସିଲଦାର ଏନେଇ କୌଣସି ପଦକ୍ଷେପ ନ ନେବାରୁ ସେ ପୁନର୍ବାର ମାର୍ଚ୍ଚ ୭ରେ ଅଭିଯୋଗ କରିଥିଲେ। ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ହତାଶ ହେବା ପରେ ସୋମବାରଠାରୁ ଭୀମସେନ ସାହୁ ସପରିବାର ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ସାହୁ ନିଜର ଜମି ଫେରସ୍ତ ନ ପାଇଛନ୍ତି ସେ ପର୍ଯ୍ୟନ୍ତ ସେ ଏହି ଧାରଣାରେ ବସି ରହିବେ ବୋଲି କହିଛନ୍ତି। ଏସମ୍ପର୍କରେ ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ ଦାଖଲ ଖାରଜ ହୋଇଥିବା ଜମିର କେଶ ରେକର୍ଡ ମିଳୁନାହିଁ। ଭୀମସେନ ସାହୁଙ୍କ ଅଭିଯୋଗକୁ ଅଧାର କରି ଜମି ବିକ୍ରିର ପକ୍ଷଭୁକ୍ତମାନଙ୍କୁ ନୋଟିସ ଜାରି କରାଯିବା ସହ କେଶ ରେକର୍ଡ ଖୋଜା ଚାଲିଛି ବୋଲି ତହସିଲଦାର କହିଛନ୍ତି।



ଜମିପଟ୍ଟା ଖାରଜ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

**ଦ୍ୱିତୀୟ ଦିନରେ ଗଣଧାରଣା**

## ସମିତି ସଭ୍ୟଙ୍କ ୪ ସନ୍ତାନ, କୋର୍ଟରେ ମାମଲା

**ଚଣ୍ଡିଖୋଲ,୧୫।୩(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତର ନବ ନିର୍ବାଚିତ ସମିତି ସଭ୍ୟଙ୍କ ନାମରେ ଚଣ୍ଡିଖୋଲ କୋର୍ଟରେ ୪ ସନ୍ତାନ ଥିବା ନେଇ ଏକ ମାମଲା (ନଂ.୨/୨୨) ରୁଜୁ ହୋଇଛି। ଏହି ମାମଲା ବିଚାରକୁ ନେଇ କୋର୍ଟ ପକ୍ଷରୁ ସମିତି ସଭ୍ୟ ସୁରେନ୍ଦ୍ର ସେନାପତିଙ୍କୁ ନୋଟିସ ଜାରି କରାଯାଇଛି। ପରାଜିତ ପ୍ରାର୍ଥୀ ପ୍ରଭାକର ସାହୁ ତାଙ୍କ ଆବେଦନ ପତ୍ରରେ ଦର୍ଶାଇଛନ୍ତି, ସୁରେନ୍ଦ୍ରଙ୍କ ୪ ସନ୍ତାନ ରହିଛି। ଶେଷ ସନ୍ତାନର ଜନ୍ମ ଜୁନ ୧୯୯୫। ସୂଚନାଯୋଗ୍ୟ, ୧୯୯୫ ଏପ୍ରିଲ ପରେ ଯଦି କୌଣସି ପ୍ରାର୍ଥୀଙ୍କ ଦୁଇରୁ ଅଧିକ ସନ୍ତାନ ଥାଆନ୍ତି, ତା'ହେଲେ ତାଙ୍କ ପ୍ରାର୍ଥୀପତ୍ର ବୈଧ ହେବ ନାହିଁ। ଏନେଇ ଆବେଦନକାରୀ ସମସ୍ତ ତଥ୍ୟ ପ୍ରମାଣ ସହ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ସେ ବଡ଼ଚଣା ନିର୍ବାଚନ ଅଧିକାରୀ ତଥା ବିଡିଓଙ୍କୁ ମଧ୍ୟ ପକ୍ଷ କରିଛନ୍ତି। ଏହି ଘଟଣାକୁ ନେଇ ବିଜୟୀ ପ୍ରାର୍ଥୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ପୋଲିସର ତନାଘନା ଜାରି



ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ ଚାଲିଛି।

**ରସୁଲପୁର, ୧୫।୩(ଡି.ଏନ୍.ଏ.)**

**ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ହତ୍ୟା ଘଟଣା**
- ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ
- ଅଭିଯୁକ୍ତଙ୍କୁ ଗିରଫ ପାଇଁ ତତ୍ପରତା

କୁଆଖିଆ ଥାନା ଅଧୀନ କୁଆଖିଆ ବଜାରର ଏକ ଭଡ଼ାଘରୁ ସୋମବାର ଅପରାହ୍ନରେ ପୋଲିସ ପଶ୍ଚିମବଙ୍ଗ ବ୍ୟବସାୟୀ ଖୋକନ ମାଇତିଙ୍କ ମୃତଦେହ ଜବତ କରିଥିଲା। ଏହି ଘଟଣା ପରେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ ପାଇଁ ପୋଲିସ ତନାଘନା ଚଳାଇଛି। ମଙ୍ଗଳବାର ସକାଳେ ପୋଲିସ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଚଳାଇଛି। ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି। ହେଲେ ଏ ସଂକ୍ରାନ୍ତରେ ପୋଲିସ ବହୁ ତଥ୍ୟକୁ ଗୋପନ ରଖିଛି। ଅଭିଯୁକ୍ତମାନେ ଯେମିତି ରାଜ୍ୟ ବାହାରକୁ ଯାଇ ନ ପାରିବେ, ସେ ଦିଗରେ ପୋଲିସ ଅଧିକ ଗୁରୁତ୍ୱ ଦେଉଛି। ଏହି ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ହାତ ରହୁଥିବା ଆଶଙ୍କା କରାଯାଉଛି। ତଦନ୍ତ ବେଳେ ଉକ୍ତ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ପୋଲିସକୁ ସୁରାକ ମିଳିଛି। ଖୁବ୍‌ଶୀଘ୍ର ଏହାର ରହସ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ୪୪ ଏକର ଜମି ପାଇଁ ୮.୮୫ କୋଟି ଟଙ୍କା ମଞ୍ଜୁର

**ଯାଜପୁର ଅଫିସ,୧୫।୩**

**ଟମ୍‌କା-ମଙ୍ଗଳପୁର ୪ ଲେନ୍ ରାସ୍ତା କାମ ପାଇଁ ତତ୍ପରତା**

ବେସରକାରୀ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଅନୁମତି ପାଇଁ ଦୀର୍ଘ ୫ ବର୍ଷ ହେଲା ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ଟମ୍‌କା-ମଙ୍ଗଳପୁର ୪୫ କି.ମି.ରାସ୍ତାର ୪ ଲେନ୍ ନିର୍ମାଣ ଶେଷ ହୋଇପାରୁନି। ଏହି କ୍ରମରେ ସୋମବାର ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ପ୍ରାୟ ୪୪ ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ୮.୮୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ରୁ ୪.୪୫ କୋଟି ଏବଂ ନିର୍ମାଣ ବିଭାଗ ପକ୍ଷରୁ ୪.୪୦ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ମାଣ ବିଭାଗରୁ ସୂଚନା ମିଳିଛି।

୨୦୧୬ରେ ମଙ୍ଗଳପୁରଠାରୁ ଟମ୍‌କା ରାସ୍ତା ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ କରିବାକୁ ପରିକଳ୍ପନା କରାଯାଇଥିଲା। ଏଥିପାଇଁ ଡିଏମ୍‌ଏଫ୍‌ରୁ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ମଞ୍ଜୁରୀ ମିଳିଥିଲା। ୨୦୧୭ରୁ ଜଙ୍ଗଲ ଅନୁମତି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଏଯାଏ ଚୂଡ଼ାନ୍ତ ହୋଇ ପାରିନାହିଁ। ଫଳରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ବହୁ ମୂଲ୍ୟବାନ୍ ଖଣିଜ ସମ୍ପଦ କ୍ରୋମାଇଟ୍ ଏହି ରାସ୍ତାରେ ପରିବହନ ହେଉଛି। ଦୈନିକ ୪ ଚକିଆଠାରୁ ଆରମ୍ଭ କରି ୧୬ ଚକିଆ ଭାରିଯାନ ଏହି ରାସ୍ତାଦେଇ ଯାତାୟାତ କରୁଛି। କିନ୍ତୁ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଜଙ୍ଗଲ ଅନୁମତିରେ ବିଳମ୍ବ ହେଉଥିବା କୁହାଯାଉଛି। ତେବେ ଦୀର୍ଘଦିନ ପରେ ସୁକିନ୍ଦା ତହସିଲ ଅନ୍ତର୍ଗତ କଙ୍କଡ଼ାପାଳ ଗ୍ରାମରେ ୧.୭୬ ଏକର, ଗରାମିଆଁ ଗ୍ରାମରେ ୦.୮୧୦ ଏକର, କୁହିକା ଗ୍ରାମରେ ୨.୪୩୦ ଏକର, ମୂଳଖମ୍ବ ଗ୍ରାମରେ ୨.୯୧୦ ଏକର, ଦାମୋଦରପୁର ଗ୍ରାମରେ ୨୩.୭୫୦ ଏକର, ସାରୁଆବିଲ ଗ୍ରାମରେ ୫.୪୪୦ ଏକର, କଅଁସ ଗ୍ରାମରେ ୦.୬୫୦ ଏକର, କାଳିଆପାଣି ଗ୍ରାମରେ ୨.୮୧୦ ଏକର, କଳରଙ୍ଗିଅଟା ଗ୍ରାମରେ ୦.୫୭୦ ଏକର, ଚମ୍ପାଝର ଗ୍ରାମରେ ୨.୩୨୬ ଏକର, କୁସୁମଡିହ ଗ୍ରାମରେ ୨.୨୯୦ ଏକର, ଗୁରୁଜଙ୍ଗପାଳ ଗ୍ରାମରେ ୦.୧୪୬ ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ମଞ୍ଜୁରୀ ମିଳିଛି। ଏହାପରେ ଟମ୍‌କା-ମଙ୍ଗଳପୁର ରାସ୍ତା କାମ ଆଶାତୀତ ଆଗେଇ ପାରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

## ବ୍ୟାସନଗର ତହସିଲ ପକ୍ଷରୁ ଚଢାଉ, ୬ ଗାଡ଼ି ଜବତ

**ପାଣିକୋଇଲି,୧୫।୩:(ଡି.ଏନ୍.ଏ.)**

ବ୍ୟାସନଗର ତହସିଲ ପକ୍ଷରୁ ପାଣିକୋଇଲି ପୋଲିସ ସହାୟତାରେ ସୋମବାର ବିଳମ୍ବିତ ରାତିରେ ଷଠିପୁରଠାରେ ଅଚାନକ ଚଢାଉ କରାଯାଇ ୬ ବେଆଇନ ବାଲି ଗାଡ଼ି (୨ଟିପ୍ପର, ୪ ହାଇୱା) ଜବତ କରାଯାଇଛି। ଜବତ ଗାଡ଼ିଗୁଡିକୁ ପାଣିକୋଇଲି ପୋଲିସ ଜିମା ଦିଆଯାଇଛି। ଜରିମାନା ଆଦାୟ ପରେ ଗାଡ଼ି ଗୁଡିକୁ ଛଡାଯିବ ବୋଲି ସୂଚନା ମିଳିଛି। ଜବତ ୪ ହାଇୱା ହେଲା ନଂ.ଓଡି ୨୨ଏନ ୬୬୩୩, ଓଡି୦୯ ଏ ୩୦୬୧, ଓଡି ୦୯ସି ୫୪୫୫, ଓଆର ୦୪କେ ୭୫୮୫ ଏବଂ ଦୁଇଟି ଟିପ୍ପର ହେଲା ନଂ.ଓଆର୦୧୬ ଜି ୯୩୩୯, ଓଆର ୦୯ ଜେ ୫୮୦୮। ଏ ଚଢାଉରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଆରଆଇ (ରାଜସ୍ୱ ନିରୀକ୍ଷକ) ସୁଜିତ କୁମାର ସାମଲ, କାଟେ ପୂର୍ତ୍ତି, କିଶୋର ପ୍ରଧାନ, ଏଆରଆଇ ସୁଧିରଞ୍ଜନ ମଲ୍ଲିକ, ବାବୁଲାଲ ସାମଡ ପ୍ରମୁଖ ସାମିଲ ହୋଇଥିଲେ।

## ଗ୍ରନ୍ଥାବଳୀ ଉନ୍ମୋଚନ, ପ୍ରତିଭା ସମ୍ମାନ ସମାରୋହ

**ରସୁଲପୁର,୧୫।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ବଡ଼କଇଁଚି ପଞ୍ଚାୟତ ପାଳସାହି ବିଦ୍ୟାଳୟ ପରିସରରେ ମଙ୍ଗଳବାର ପଣ୍ଡିତ କବି ମାଧବ ଚନ୍ଦ୍ର ମିଶ୍ର ଶର୍ମାଙ୍କ ୧୧୩ତମ ଜୟନ୍ତୀ ପାଳିତ ହୋଇଯାଇଛି। କବି ମିଶ୍ରଙ୍କ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗ୍ରନ୍ଥାବଳୀ ଉନ୍ମୋଚନ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଯୋଗ ଦେଇଥିଲେ। ସାହିତ୍ୟିକ ଡ. ରୁଦ୍ର ନାରାୟଣ ପୃଷ୍ଟି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରବଚକ ରଜନୀକାନ୍ତ ପୃଷ୍ଟି ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଆଏଚ, ଶିକ୍ଷାବିତ୍ ବେଣୁଧର ଦୋବାଇ, ଜିତେନ୍ଦ୍ର କୁମାର କର, ବଟକୃଷ୍ଣ ତରାଇ, ବ୍ରଜ କିଶୋର ରଥ, ଆଦିକନ୍ଦ ସାହୁ, ରାମଚନ୍ଦ୍ର ରାଉତ, ସୂର୍ଯ୍ୟ ନାରାୟଣ ଦାଶ, ଶତ୍ରୁଘ୍ନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ମିଶ୍ରଙ୍କୁ ଜଣେ ସୁଯୋଗ୍ୟ ସନ୍ତାନ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ କବି ମାଧବ ଚନ୍ଦ୍ରଙ୍କ ଗ୍ରନ୍ଥାବଳୀକୁ ଉନ୍ମୋଚନ କରିବା ସହ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ବିଦ୍ୟାଧର ସାହୁ, ରଜନୀକାନ୍ତ ପୃଷ୍ଟି, ଜଳଧର ପଣ୍ଡା, ମଧୁସୂଦନ ଶତପଥୀ, ଜଳଧର ଖିଲାରଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ବ୍ୟକ୍ତିମାନେ।

# ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣରେ ତ୍ରୁଟି

**ଚଣ୍ଡିଖୋଲ,୧୫।୩(ଡି.ଏନ.ଏ.)**

**କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀଙ୍କ ଧାରଣା**

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଉଜଙ୍ଗ-ଧାଉଡିଆପଦା ରାସ୍ତାର ବିରୁପା ନଦୀର ଚାରିନଙ୍ଗଳଠାରେ ସେତୁ ନିର୍ମାଣ କରାଯାଇଛି। ସେହି ନିର୍ମାଣ କାମ ୨ ବର୍ଷ ତଳେ ଶେଷ ହୋଇଥିଲା। ହେଲେ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ହୋଇ ନ ଥିଲା। ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଟେଣ୍ଡର କରାଯାଇ ସଂଯୋଗୀକରଣ ରାସ୍ତା ନିର୍ମାଣ ଚାଲିଛି। ତେବେ ନିର୍ମାଣକାରୀ ସଂସ୍ଥା ସରକାରୀ ମାପଚୁପକୁ ଏଡାଇ ଯାଇ ମନଇଚ୍ଛା କାମ କରୁଥିବା ଅଭିଯୋଗ ହୋଇଛି। ଏହି ନିର୍ମାଣରେ ବ୍ୟାପକ ତ୍ରୁଟିଥିବା ଦର୍ଶାଇ ମଙ୍ଗଳବାର ନିର୍ମାଣ ସ୍ଥଳରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଚାରିନଙ୍ଗଳ ଗ୍ରାମଟି ବନ୍ୟା ପ୍ରଭାବିତ ଅଞ୍ଚଳ। ସେତୁ ସଂଯୋଗଗୀକରଣ ଦକ୍ଷିଣ ପାର୍ଶ୍ୱ ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ବର୍ଷା ଦିନେ ଓ ବନ୍ୟା ସମୟରେ ଜଳବନ୍ଦୀ ହୋଇ ରହିବେ। ସେହିପରି ଗ୍ରାମ ଭିତରକୁ ଯାଇଥିବା ରାସ୍ତା ମାଟି ପଡି ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନା ରହିଛି। ଜମି ଅଧିଗ୍ରହଣ ସମୟରେ ସରକାରୀ ଅମିନଙ୍କ ଦ୍ୱାରା ମାପଚୁପ କରାଯାଇ ଚିହ୍ନଟ କରାଯାଇଥିବା ସ୍ଥାନରେ ରାସ୍ତା ନିର୍ମାଣ କରା ନ ଯାଇ ଅନ୍ୟତ୍ର କରାଯାଉଥିବା ଅଭିଯୋଗ ହୋଇଛି। ବିରୁପା ନଦୀକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଥିବା ନିକଟସ୍ଥ ଗ୍ରାମବାସୀ ଏପରି ନିର୍ମାଣକୁ ଗ୍ରହଣ କରିପାରିନାହାନ୍ତି। ତେଣୁ ଏହି ବିବାଦର ତୁରନ୍ତ ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ମଧୁସୁଦନ ଦାସ, ଅଶୋକ କୁମାର ଦାସ, ମଦନ ଦାସ, ବ୍ରହ୍ମାନନ୍ଦ ଦାସ, ଟୁକୁନା ଦାସ ପ୍ରମୁଖ ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବା ସହ ଧାରଣାରେ ଦେଇଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗା ଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



ଧାରଣାରେ ବସିଥିବା ଗ୍ରାମବାସୀ।

## ସଂକ୍ଷେପରେ

### ଭଲିବଲ ଖେଳ ଦେଖୁ ଟଳି ପଡ଼ିଲେ ଯୁବକ
**ଆର୍ମିରେ ରିଟିନ୍ ଦେଇ ପାରିଲେନି**



**ନୟାଗଡ଼ ଅଫିସ,୧୫।୩:** ନୟାଗଡ଼ ଜିଲା ଶରଣକୁଳ ଥାନା କୁଟୁଣୀ ଗାଁରେ ଜିତେନ୍ଦ୍ର ସାହୁ(୨୨) ସୋମବାର ମଧାହ୍ନରେ ଭଲିବଲ ଖେଳ ଦେଖୁଦେଖୁ ଟଳି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିତେନ୍ଦ୍ରଙ୍କୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ, ଜିତେନ୍ଦ୍ର ଡିପ୍ଲୋମା ପାସ କରିବା ପରେ ଆର୍ମି ଚାକିରି ପାଇଁ ସିଲେକ୍ସନ ହୋଇଥିଲେ। ତାଙ୍କର କେବଳ ରିଟିନ୍ ବାକି ଥିଲା। ସେ ଗାଁରେ ଭଲିବଲ ଖେଳ ଦେଖିବା ଅବସ୍ଥାରେ ଅସୁସ୍ଥ ହୋଇ ପଡିଥିଲେ। ଏ ଘଟଣା ଜଣାପଡିବା ପରେ କୁଟୁଣୀ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ତାଙ୍କ ବାପା ଗୋପୀନାଥ ଜମ୍ମୁକଶ୍ମୀରରେ କାମ କରନ୍ତି। ଏକମାତ୍ର ପୁଅଙ୍କ ମୃତ୍ୟୁ ଖବରପାଇ ବାପା ଗାଁକୁ ଫେରୁଛନ୍ତି। ବାପା ଆସିଲେ ମୃତଦେହ ସଂସ୍କାର କରାଯିବା ବୋଲି ପରିବାର ଲୋକ କହିଛନ୍ତି।

### ଅଟୋ ସହ ମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୧୫।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ପୋଲିସ ଖଣ୍ଡପଡ଼ାରୁ ଗଣିଆ ଅଞ୍ଚଳକୁ ଏକ ଅଟୋ ଯୋଗେ ଚୋରାରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ମଙ୍ଗଳବାର ଭୋର ୫ଟାରେ ବରକୋଳି ଛକରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଟୋରେ ୨ଟି ଜାରକିନରେ ୫୦ ଲିଟର ଦେଶୀ ମଦ ଥିବା ପୋଲିସ ନଜରକୁ ଆସିଥିଲା। ପୋଲିସ ମଦ ସହ ଅଟୋକୁ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଗଣିଆ ଥାନା ଅଧୀନ କିଶୋର ପ୍ରସାଦ ଗାଁର କୁଳମଣି ପୃଷ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି।

### ମାରପିଟରେ ୩ ଆହତ

**ନୟାଗଡ ଅଫିସ,୧୫।୩:** ନୟାଗଡ଼ ସଦର ଥାନା ପଦ୍ମପୁର ଗାଁରେ ମାରପିଟ୍ ଘଟି ଗୋଟିଏ ପରିବାର ୩ଜଣ ଆହତ ହୋଇଛନ୍ତି। ଧନେଶ୍ୱର ମଳିକ, ବୋହୂ ସବିତା ମଳିକ, ନାତି ସିଲୁ ମଳିକଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସବିତାଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତକରୁଛି। ସବିତାଙ୍କ ସହ ସାନପୁଅ ଛବି ମଳିକଙ୍କ ପରିବାର ମଧ୍ୟରେ ଜମି ବିବାଦରୁ ଗଣ୍ଡଗୋଳ ଲାଗି ରହିଥିଲା। ମଙ୍ଗଳବାର ଏହା ବିସ୍ଫୋରକ ରୂପ ନେଇଛି। ଛବି ଓ ତାଙ୍କ ସ୍ତ୍ରୀ ଗୀତାଙ୍କୁ ଉଭୟେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# କିଏ ହେବ ପ୍ରଥମ ପୌରାଧ୍ୟକ୍ଷ

**ନୟାଗଡ଼ ମ୍ୟୁନିସିପାଲିଟି**
**୪ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା**

**ନୟାଗଡ଼ ଅଫିସ,୧୫।୩**

ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିର୍ବାଚନରେ ୪ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଏଠାରେ ବିଜେଡିରୁ ନିରୁପମା ଖଟେଇ, ଭାଜପାରୁ ତନୁଶ୍ରୀ ସାମଲ, କଂଗ୍ରେସରୁ ସ୍ୱାଗତିକା ନାୟକ, ସ୍ୱାଧୀନ ପ୍ରାର୍ଥୀ ସୁସ୍ମିତା ଷଡ଼ଙ୍ଗୀ ଲଢୁଛନ୍ତି। ୪ଜଣଯାକ ପ୍ରାର୍ଥୀ ନୟାଗଡ଼ ମ୍ୟୁନିସିପାଲିଟିର ପ୍ରଥମ ଅଧ୍ୟକ୍ଷ ହେବାକୁ ଗୋଟିଚାଳନା କରି ଭୋଟରଙ୍କୁ ମନେଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଭୋଟର ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ପରଖି ସେମାନଙ୍କର କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖିଛନ୍ତି।

ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ସଦସ୍ୟ ପଦ ହାତେଇବା ପରେ ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ସହରାଞ୍ଚଳ ଭୋଟ ପ୍ରଚାର କରିବାକୁ ଆଗ୍ରହ ବଢ଼ିଛି। ସକାଳୁ ରାତି ପର୍ଯ୍ୟନ୍ତ ବିଜେଡିର ପ୍ରାର୍ଥୀ, ନେତା, କର୍ମୀ ଓ ସମର୍ଥକ ଭୋଟ ପ୍ରଚାରରେ ଲାଗି ପଡିଛନ୍ତି। ବିଜେଡିର ନିରୁପମା ଖଟେଇ ପୂର୍ବରୁ ନୟାଗଡ ଏନ୍‌ଏସିର ଅଧ୍ୟକ୍ଷା ଥିଲେ। ସେ ସ୍ଥାନୀୟ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀଙ୍କୁ ସାଙ୍ଗରେ ଧରି ୱାର୍ଡକୁ ୱାର୍ଡ ବୁଲି ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି। ୱାର୍ଡରେ ସଭା ସମିତି କରି ଭୋଟ ହାତେଇବାକୁ ଲାଗି ପଡିଛନ୍ତି। ବିଜେଡିର ବିକାଶ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସରକାରୀ ଯୋଜନାରେ ଥିବା ସମସ୍ତ ସୁବିଧା ସୁଯୋଗ ମିଳୁଛି କି ନାହିଁ ପଚାରି ବୁଝୁଛନ୍ତି। ଯଦି ମିଳୁନି ତାହାକୁ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଭାଜପାରୁ ତନୁଶ୍ରୀ ସାମଲ ପଛରେ ପଡ଼ିନାହାନ୍ତି। ସେ ପ୍ରଚାରକୁ ତ୍ୱରାନ୍ୱିତ କରି ପରିବର୍ତ୍ତନର ହାୱା ବାଣ୍ଟୁଛନ୍ତି। ସହରାଞ୍ଚଳ ବିଭିନ୍ନ କ୍ଷେତ୍ରରେ ପଛୁଆପଡିଛି। ଭାଜପା କ୍ଷମତାକୁ ଆସିଲେ ସହରର ରୂପରେଖ ବଦଳିବ। ସହରବାସୀ ଆଉ ଅଭିଶପ୍ତ ଜୀବନଯାପନ କରିବେ ନାହିଁ ବୋଲି ଭାଜପା ପ୍ରାର୍ଥୀ ଭୋଟରଙ୍କୁ ବୁଝାଉଛନ୍ତି। କଂଗ୍ରେସ ପ୍ରାର୍ଥୀ ସ୍ୱାଗତିକା ନାୟକ ଦୁର୍ନୀତି ଓ ଭ୍ରଷ୍ଟାଚାରମୁକ୍ତ ପୌର ପରିଷଦ ଗଠନ କରିବାକୁ ଭୋଟରଙ୍କୁ ନିବେଦନ କରିଛନ୍ତି। ଅଘୋଷିତ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧିକୁ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସେହିପରି ସଫେଇ କ୍ଷେତ୍ରରେ ଆଦାୟ ହେଉଥିବା ୪୦ ଟଙ୍କିଆ ୟୁଜର୍ସ ଫି ଆଦାୟକୁ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ବାଣ୍ଟୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ କ୍ଷମତାକୁ ଆସିଲେ ସହରର ରୂପରେଖ ବଦଳିବ ବୋଲି ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ସୁସ୍ମିତା ଷଡ଼ଙ୍ଗୀଙ୍କ ଭୋଟ ପ୍ରଚାର ତ୍ୱରାନ୍ୱିତ ହୋଇନି।


ବିଜେଡିର ଅଧ୍ୟକ୍ଷା ପ୍ରାର୍ଥିନୀ ନିରୁପମା ଖଟେଇ ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି।


କଂଗ୍ରେସର ଅଧ୍ୟକ୍ଷା ପ୍ରାର୍ଥିନୀ ସ୍ୱାଗତିକା ନାୟକ ପ୍ରଚାର କରୁଛନ୍ତି।

### ଗାଁ ନିଷ୍ପତ୍ତିକୁ ଅଣଦେଖା କରି ଭୋଟ

- ୧୦ ଭୋଟରଙ୍କୁ ଚିହ୍ନଟ ପାଇଁ ନିୟମ
- ଡାଳିଆମଡ଼ାରେ ଟାପା ଉତ୍ତେଜନା

**ନୟାଗଡ଼ ଅଫିସ,୧୫।୩**

ନୟାଗଡ଼ ସଦର ଥାନା ଡାଳିଆମଡ଼ା ଗାଁର ୧୦ ନଂ. ୱାର୍ଡରେ ଗାଁର ନିଷ୍ପତ୍ତିକୁ ଅଣଦେଖା କରି ଭୋଟ ଦେଇଥିବା ୧୦ଜଣ ଭୋଟରଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଭୋଟ ଦେଇ ନ ଥିବା ଭୋଟରଙ୍କୁ ଚିହ୍ନଟ ପାଇଁ ପ୍ରତ୍ୟେକ ଲୋକ ନିୟମ କରୁଛନ୍ତି। କିଛି ଲୋକ ନିୟମ କରି ସାରିଲେଣି। ଆଉ କିଛି ଲୋକ ନିୟମ ବୁଧବାର କରିବାର ଅଛି। ଏକଥା ଜଣାପଡିବା ପରେ ଡାଳିଆମଡ଼ାରେ ଉତ୍ତେଜନା ଦେଖାଦେଇଛି। ଭୋଟ ଦେଇ ନ ଥିବା ଭୋଟର ଧରାପଡିଲେ ସେମାନଙ୍କୁ ଜରିମାନା ଓ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି। ଭାରତ ପରି ଗଣତନ୍ତ୍ର ଦେଶରେ ଭୋଟ ଦେବା ଏକ ସ୍ୱାଧୀନତା ଅଧିକାର ହୋଇଥିବାବେଳେ ଏବେ ଗାଁ ଓ ସହରର ବିଭିନ୍ନ ୱାର୍ଡରେ ସେହି ଅଧିକାର ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# ବାପାଙ୍କୁ ଖୋଜୁଛି ୪ବର୍ଷର ପୁଅ

**କ୍ୟାମେରାମ୍ୟାନ ମାନସ ହତ୍ୟାକାଣ୍ଡ**
**ସ୍ତ୍ରୀ, ମା'ବାପାଙ୍କ ଆଖିରୁ ଲୁହ ଶୁଖୁନି**

**ନୟାଗଡ଼ ଅଫିସ/ରଣପୁର, ୧୫।୩(ସ୍ୱ.ପ୍ର.)**


ମାନସଙ୍କୁ ଝୁରୁଛନ୍ତି ମା'ବାପା।

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀ ଗାଁର ଫଟୋ ଗ୍ରାଫର ମାନସ ସ୍ୱାଇଁ(୨୮)ଙ୍କ ହତ୍ୟା ପରେ କାନ୍ଦ ବୋବାଳି ଘରୁ ବନ୍ଦ ହେଉନି। ୪ ବର୍ଷର ପୁଅ ବାପାଙ୍କୁ ଖୋଜୁଛି। ମା', ବାପା, ସ୍ତ୍ରୀ ସମସ୍ତେ ଏକ ପ୍ରକାର ଭାଙ୍ଗି ପଡିଛନ୍ତି। ପରିବାର ଚଳିବ କେମିତି ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ହତ୍ୟାକାରୀଙ୍କୁ ଫାଶି ଦେବାକୁ ପରିବାର ପକ୍ଷରୁ ଦାବି ହୋଇଛି। ସାନଭାଇ ରାକେଶ ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ଫେବୃୟାରୀ ୭ରେ ଭାଇ ମାନସ ନିଖୋଜ ହେଲେ। ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଫେବୃୟାରୀ ୧୪ରେ ଭଦ୍ରକ ଜିଲା ଚାନ୍ଦବାଲି ଥାନାରେ ଅଭିଯୋଗ କରାଗଲା। ମାର୍ଚ୍ଚ ୧୨ ତାରିଖରେ ଭାଇଙ୍କ ମୃତଦେହ ରଣପୁର ଥାନା ରାଜସୁନାଖଳା ଫାଣ୍ଡିର ନରେନ୍ଦ୍ରପୁର ବଧିପାଟଣା ଜଙ୍ଗଲରୁ ଜବତ ହେଲା। ଭାଇଙ୍କୁ ଭଦ୍ରକରୁ ଅପହରଣ କରାଗଲା। ଭୁବନେଶ୍ୱରରେ ହତ୍ୟା କରାଗଲା। ହତ୍ୟା ପରେ ରଣପୁର ଥାନା ଅଞ୍ଚଳରେ ମୃତଦେହ ପୋତି ଦିଆଗଲା। ସବୁକିଛି ଯୋଜନା ମୁତାବକ କରାଯାଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ କରି ଅନେକ ଗୁମର ଖୋଲିଛି। ଆମ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ବ୍ୟବସ୍ଥା ଯୋଗାଇ ଦିଆଯାଉ ବୋଲି ଭାଇ ରାକେଶ କହିଛନ୍ତି।

# ଶୁଦ୍ଧକ୍ରିୟା ପରେ ମୃତଦେହ ଦାହ

- ମୃତଦେହ ଆସିବାକୁ ଲାଗିଲା ୬୩ ଦିନ
- ସାଉଦିଆରବରେ ପ୍ରାଣ ହରାଇଥିଲେ ଓଡ଼ିଆ ଶ୍ରମିକ

**ନୟାଗଡ଼ ଅଫିସ,୧୫।୩**

ଶୁଦ୍ଧକ୍ରିୟା ପରେ ଓଡ଼ିଆ ଶ୍ରମିକ ଶୁଭକାନ୍ତ ପ୍ରଧାନ ଓରଫ ପିଣ୍ଟୁ (୨୬)ଙ୍କ ମୃତଦେହ ସାଉଦିଆରବରୁ ମଙ୍ଗଳବାର ନୟାଗଡ଼ ବ୍ଲକ ଲାଠିପଡା ଗାଁକୁ ଫେରିଛି। ସାଉଦିଆରବରୁ ମୃତଦେହ ନୟାଗଡ ଜିଲାକୁ ଆସିବାକୁ ୬୩ ଦିନ ସମୟ ଲାଗିଛି। ମୃତଦେହ ଘରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମୃତଦେହକୁ ସଂସ୍କାର କରାଯାଇଛି।

ପ୍ରକାଶ ଯେ, ଲାଠିପଡା ଗାଁର ଶୁଭକାନ୍ତ ଜଣେ ଗରୀବ ପରିବାରର ଯୁବକ। ବାପା ପ୍ରହଲ୍ଲାଦଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ୫ମାସ ତଳେ ବିଦ୍ୟୁତ୍ କାମ କରିବାକୁ ସାଉଦିଆରବ ଯାଇଥିଲେ। ସାଉଦିଆରବ ଯିବା ପାଇଁ ମୁମ୍ବାଇର ଏକ ଏଜେନ୍ସିର ସହଯୋଗ କରି ନେଇଥିଲା। ସେଠାରେ ରହି କାମ ଠିକ୍‌ଠାକ ଚାଲିଥିଲା। ହେଲେ ଶୁଭକାନ୍ତଙ୍କ ବସନ୍ତ ହୋଇଥିଲା। ଧୀରେ ଧୀରେ ଦେହ ଅସୁସ୍ଥ ହୋଇପୋଡିଲା। ଏପଟେ କାମ କରିବାକୁ କମ୍ପାନୀର ଚାପ ପଡି ଥିଲା। କିନ୍ତୁ କମ୍ପାନୀର କିଛି ସହଯୋଗ ମିଳିଲା ନାହିଁ। ଜାନୁଆରୀ ୧୨ରେ ଶୁଭକାନ୍ତଙ୍କର ମୃତ୍ୟୁ ହୋଇଥିଲା। ପ୍ରହଲ୍ଲାଦଙ୍କର ଏକମାତ୍ର ପୁତ୍ର ଥିଲେ ଶୁଭକାନ୍ତ। ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡିଥିଲେ ମା'ବାପା। ଗାଁକୁ ପୁଅର ମୃତଦେହ ଫେରାଇ ଆଣିବାକୁ ମା'ବାପା ଚାହିଁଥିଲେ। ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତାମାନଙ୍କୁ ଅବଗତ କରାଇଥିଲେ। ହେଲେ ସୁଫଳ ମିଳି ନ ଥିଲା। ଶେଷରେ ପୁଅର ଶୁଦ୍ଧକ୍ରିୟା କରାଇ ଦେଇଥିଲେ। ଏ ନେଇ ଖବରପାଇ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଅବଗତ କରାଇଥିଲେ। ବୈଜୟନ୍ତଙ୍କ ହସ୍ତକ୍ଷେପ ପରେ ମୃତଦେହ ଦେଖିବାର ସୁଯୋଗ ମଙ୍ଗଳବାର ମା'ବାପା ଓ ଗାଁ ଲୋକ ପାଇଛନ୍ତି।


ମୃତ ଶ୍ରମିକ ଶୁଭକାନ୍ତ। ( ଫାଇଲ ଫଟୋ)

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ କାଉନସିଲଙ୍କ ପ୍ରଶିକ୍ଷଣ ଶିବିର

**ଖଣ୍ଡପଡ଼ା ୧୫।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ନୟାଗଡ଼ ଜିଲାସ୍ତରୀୟ ଜୁନିୟର ରେଡକ୍ରସ କାଉନସିଲଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ ରେଡକ୍ରସ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଶିକ୍ଷାବିତ୍ ଅଯୋଧ୍ୟାନାଥ ନାୟକ ଯୋଗ ଦେଇ ପ୍ରଶିକ୍ଷଣ ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ବିଜୟ କୁମାର ମହାପାତ୍ର, ସୁପ୍ରଭା ଦେଇ, ଅଶୋକ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ, ପରମାନନ୍ଦ ପରିଡା, ଗୋସ୍ୱାମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଅଧୀନ ୮ଟି ବ୍ଲକ ଅଞ୍ଚଳର ୩୦ ଜଣ ଛାତ୍ରୀଛାତ୍ର (ରେଡକ୍ରସ କାଉନସିଲର)ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିଶୁମାନଙ୍କ ସୁରକ୍ଷା ନେଇ ସୁପରଭାଇଜର ଆରତୀ ଷଡଙ୍ଗୀ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଜିଲା ରେଡକ୍ରସ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ବରଣ ସାହୁ, ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସନ୍ନ୍ୟାସୀ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

**ଦିଗପହଣ୍ଡି,୧୫।୩(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ସୁମନ୍ତପୁର ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ପୋଡାମାରୀ ଗ୍ରାମ ଦଳିତ ସାହିର ସୁଧାକର ଦାସ(୨୫)। ପାଟପୁର ପୋଲିସ୍ ପହଞ୍ଚି ଯୁବକକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପାଟପୁର ପୋଲିସ ନଂ.୭୬/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ୍ ପଠାଇ ଘଟଣାର ଅନୁସନ୍ଧାନ ଚଳେଇଛି ବୋଲି ଥାନାଧିକାରୀ ସବ୍ୟସାଚି ମଲ୍ଲ ସୂଚନା ଦେଇଛନ୍ତି। ମୃତ ଯୁବକ ଜଣକ ହିଞ୍ଜିଳିକାଟୁର ଏକ ଘରେଇ ହୋଟେଲ୍‌ରେ କାର୍ଯ୍ୟ କରୁଥିଲେ। ସୋମବାର ହିଞ୍ଜିଳିକାଟୁ ଯାଇ ରାତିରେ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସୁମନ୍ତପୁର ରାସ୍ତାକଡରେ ପଡି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ପୋଡାମାରୀ ସରପଞ୍ଚ ସନ୍ତୋଷ ବିଶୋୟୀ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରିବା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ୍ ପଠେଇବାରେ ସହଯୋଗ କରିଛନ୍ତି।

# ଦଶପଲ୍ଲା ପ୍ରିମିୟର୍ ଲିଗ୍ ସିଲେକ୍ସନ ବିଜୟୀ


ବିଜୟୀ ସିଲେକ୍ସନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

**ଦଶପଲ୍ଲା,୧୫।୩ (ଡି.ଏନ.ଏ.)**

ଦଶପଲ୍ଲା ପ୍ରିମିୟର ଲିଗ୍‌ର ଦ୍ୱିତୀୟ କ୍ୱାଲିଫେୟାର ମ୍ୟାଚ ମଙ୍ଗଳବାର ମହାବୀର ମଲ୍ଟି ଜିମ୍ ଓ ସିଲେକ୍ସନ ୱାରିଅର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସିଲେକ୍ସନ ଦଳ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାବୀର ଜିମ୍ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୧୧ ରନ୍ କରି ପରାଜୟ ହୋଇଥିଲା। ଅମୀୟ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଖେଳକୁ ଜିତେନ୍ଦ୍ର ସ୍ୱାଇଁ ଏବଂ ଟିକି ମହାପାତ୍ର ପରିଚାଳନା କରିଥିଲେ। ଆସନ୍ତାକାଲି ଇଶାନି ଏବଂ ସିଲେକ୍ସନ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଆର.ଉଦୟଗିରି,୧୫।୩(ଡି.ଏନ.ଏ.)**

ଅଡ଼ବା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ୩ ମାସ ଗର୍ଭବତୀ ହେବା ପରେ ତାଙ୍କୁ ବିବାହ କରିବାକୁ ଅଭିଯୁକ୍ତ ମନା କରିଦେଇଥିଲେ। ଏ ନେଇ ନାବାଳିକା ଅଡ଼ବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୨।୨୨ରେ ମାମଲା ରୁଜୁ କରି ଯୁବକଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମଇନା କରିବା ପରେ ଗିରଫ କରିଥିଲା।

# ସେବା ଦ୍ୱାରା ସ୍ୱଚ୍ଛତା ପକ୍ଷ

**ନୟାଗଡ଼ ଅଫିସ,୧୫।୩**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାରେ ଚଳିତ ମାର୍ଚ୍ଚ ୧ରୁ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଅଛି। ସେବାର ସାଧାରଣ ସମ୍ପାଦକ ଅମରେନ୍ଦ୍ର କୁମାର ଦାସ ପରିଜା, ଉପସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ସେବା ପରିବାର ପରାମର୍ଶ କେନ୍ଦ୍ର, ସେବା ସ୍ୱାଧାର ଗୃହ ଓ ସମସ୍ତ ପ୍ରକଳ୍ପର କାର୍ଯ୍ୟରତ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ସେହିପରି ସେବା ପରିସରକୁ ସଫା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଜିଲାର ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନସିକ ଅନଗ୍ରସର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ସ୍ୱଚ୍ଛତା ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସେବା ପରାମର୍ଶ କେନ୍ଦ୍ରର ପରାମର୍ଶଦାତା ରମେଶ ଚନ୍ଦ୍ର ପ୍ରଧାନ, ପରାମର୍ଶଦାତ୍ରୀ ସୁଚିସ୍ମିତା ସାହୁ, ସ୍ୱାଧାର ଗୃହର ତତ୍ତ୍ୱବଧାରିକା ବନିତା ମଲ୍ଲିକ, ପରାମର୍ଶ ଦାତ୍ରି ସରିତା ଆଚାର୍ଯ୍ୟ, ପ୍ରଶିକ୍ଷଣ କେନ୍ଦ୍ରର ସମସ୍ତ କର୍ମଚାରୀ, ନିଶା ନିବାରଣ କେନ୍ଦ୍ରର ସମସ୍ତ କର୍ମଚାରୀ ଏବଂ ମାନସିକ ଅନଗ୍ରସର ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନା କରିଥିଲେ। ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ ବୈକୁଣ୍ଠନାଥ ମହାପାତ୍ର କାର୍ଯ୍ୟ ସଂଯୋଜନା କରିଥିଲେ।



ସେବାର ସଦସ୍ୟାସଦସ୍ୟମାନେ ସ୍ୱଚ୍ଛତା ପକ୍ଷ ଅବସରରେ ସଫେଇ କରୁଛନ୍ତି।

# ଇଟାଭାଟିର ଧୂଆଁ ବଢ଼ାଉଛି ତାତି

**ଖଣ୍ଡପଡ଼ା,୧୫।୩(ସ୍ୱ.ପ୍ର.)**

ସମ୍ପ୍ରତି ଟାଣ ଖରା ସମୟରେ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାଟିରୁ ନିର୍ଗତ ଉତ୍ତପ୍ତ ଧୂଆଁ ଯୋଗୁ ତାତି ବଢ଼ିବାରେ ଲାଗିଛି। ଭାଟିରୁ ବାହାରୁଥିବା ଧୂଆଁ ଯୋଗୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ବୟସ୍କ ବ୍ୟକ୍ତିଙ୍କ ଅସୁବିଧା ହେଉଛି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲଗିଛି। ଧୂଆଁ ଯୋଗୁ ଗଛପତ୍ରରେ ଆସ୍ତରଣ ବସିବାରେ ଲାଗିଛି।

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିର୍ମାଣ ଆବଶ୍ୟକତା ମେଣ୍ଟାଇବାକୁ ବ୍ୟବସାୟିକ ଭିତ୍ତିରେ ଇଟାଭାଟି ସଂଖ୍ୟା ବଢୁଥିବାରୁ କ୍ରମଶଃ ଏହା ଗୁରୁତର ସମସ୍ୟା ଭାବେ ମୁଣ୍ଡ ଟେକିଛି। କଣ୍ଟିଲୋର ଆଖପାଖ ଓ ଖଣ୍ଡପଡ଼ା ଅଞ୍ଚଳ ନିକଟବର୍ତ୍ତୀ ନଦୀ ତଟବର୍ତ୍ତୀ ତଥା ମୁଖ୍ୟ ରାସ୍ତାକଡ଼ ଜମିଗୁଡିକରେ ବ୍ୟବସାୟ ଲକ୍ଷ୍ୟରେ ଭାଟି ପ୍ରତିଷ୍ଠା କରାଯାଇ ଇଟା ପ୍ରସ୍ତୁତ କରାଯାଉଛି। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷଜମି ହ୍ରାସ ପାଇବା ସହ ଆଖପାଖ ଜଙ୍ଗଲରୁ ଗଛ କାଟି ଇଟାଭାଟି ପୋଡ଼ାଯାଉଛି। ଫଳରେ ଜଙ୍ଗଲରୁ ବୃକ୍ଷ ସମ୍ପଦର ଦ୍ରୁତ ଅବକ୍ଷୟ ହୋଇ ସବୁଜିମା ଉଭେଇ ଯାଉଛି। ଏହାଛଡା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଇଟା ପ୍ରସ୍ତୁତ ଓ ଭାଟି ନିର୍ମାଣ ପାଇଁ ଚାଷଜମିର ଉପର ସ୍ତର ମାଟି ଉଠାଇ ଦିଆଯାଉଥିବାରୁ ମୃତ୍ତିକା କ୍ଷୟ ବୃଦ୍ଧି ପାଉଛି। ଫଳରେ ନଦୀକୂଳବର୍ତ୍ତୀ ବନ୍ଧଗୁଡିକ ଦୁର୍ବଳ ହୋଇପଡୁଛି। ଯେକୌଣସି ସମୟରେ ନଦୀ ବଢ଼ିରେ ଶଯ୍ୟା ପରିବର୍ତ୍ତନ ଘଟିବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରୁଛନ୍ତି। ଚାଷ ଜମିଗୁଡ଼ିକୁ ଅବିଚାରିତ ଭାବେ ଖାଲକରି ମାଟି ଉଠାଯାଉଥିବାରୁ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ଇଟାଭାଟି ଯୋଗୁ ଶତାଧିକ ଏକର ଚାଷ ଉପଯୋଗୀ ଜମି ବିଗତ ବର୍ଷରେ ଅଣଚାଷ ଜମିରେ ପରିଣତ ହୋଇଥିବା ଜଣାପଡିଛି। ଇଟାଭାଟିର ଗରମ ଧୂଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି।


ରାସ୍ତା କଡ଼ରେ ଥିବା ଇଟାଭାଟିରୁ ଧୂଆଁ ବାହାରୁଛି।

## ସଂକ୍ଷେପରେ

### ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣା: ୧୦ ଗିରଫ

ଆସିକା,୧୫।୩(ଡି.ଏନ୍.ଏ.)-ଆସିକା ବ୍ଲକର ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଗତ ଶନିବାର ରାତିରେ ନିର୍ବାଚନ ପରବର୍ତ୍ତୀ ହିଂସା କାଣ୍ଡରେ ଗୋଟିଏ ଗୋଷ୍ଠୀର ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ କେନ୍ଦୁପଦର ଗ୍ରାମର ୧୦ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦେବ କୁମାର ଗମାଙ୍ଗ ସୂଚନା ଦେଇଛନ୍ତି। ଶନିବାର ରାତିରେ ଘଟିଥିବା ଏହି ହିଂସାକାଣ୍ଡରେ କେନ୍ଦୁପଦରର ବୁଲୁ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସେହି ଗ୍ରାମର ନବୀନ ପଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୦୧/୨୨ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପ୍ରତିପକ୍ଷ ଗୋଷ୍ଠୀର ଦିବ୍ୟଲତା ସ୍ୱାଇଁଙ୍କ ଏତଲା କ୍ରମେ ପୋଲିସ ନଂ.୧୦୨/୨୨ରେ ମାମଲା ରୁଜୁ କରିଛି।

### ଯୁବ ସଂସ୍କାର ସଚେତନତା କାର୍ଯ୍ୟକ୍ରମ

ଟିକିଟି,୧୫।୩(ଡି.ଏନ.ଏ.)-ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ବାଲାଜୀ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଶାଖା ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ଯୁବ ସଂସ୍କାର ସଚେତନତା କାର୍ଯ୍ୟକ୍ରମ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆକୁଳାନନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଇତିହାସ ବିଭାଗ ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ଧନ୍ଦାମୂଳକ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ରୁନାଚନ୍ଦ୍ର ସାହୁ, ଜାତୀୟ ସେବା ଯୋଜନା ଅଧିକାରୀ ଡା. ସୁଦର୍ଶନ ପଟ୍ଟନାୟକ, ଯୁବ ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ଜେନା, ଅଧାପକ ଅୟସ୍କାନ୍ତି ମହାନ୍ତି ଓ ଡେମୋନଷ୍ଟ୍ରେଟର ରାମକୃଷ୍ଣ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, ସମସ୍ତ କର୍ମଚାରୀଙ୍କ ସହିତ ଶତାଧିକ ଯୁକ୍ତ ୩ କଳା ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

### କେଏସ୍ୟୁବି କଲେଜରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ଭଞ୍ଜନଗର,୧୫।୩(ଡି.ଏନ.ଏ):ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ଲାଗି ସଚେତନ କରିବା ପାଇଁ ଚଳିତବର୍ଷଠାରୁ ଯୁବ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେକ ସପ୍ତାହରେ ଗୋଟିଏ କ୍ଲାସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ମଙ୍ଗଳବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କଲେଜ ଅଧ୍ୟକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରି ମା' ବାପାଙ୍କସେବା ପ୍ରତି ପିଲାଙ୍କ କର୍ତ୍ତବ୍ୟ ଉପରେ କହିଥିଲେ। ଅଧାପିକା ପୂଜା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼.ରବୀନ୍ଦ୍ର ନାଥ ପାଳ, ଶୈକ୍ଷିକ ପରିଷଦ ସମ୍ପାଦକ ଡ଼.ପୀତବାସ ପାଳ, ସଂଯୋଜକ ରାଜେନ୍ଦ୍ର କୁମାର ଦାସ, ଏନସିସି ଅଫିସର ରଜନୀ କାନ୍ତ ତ୍ରିପାଠୀ ପ୍ରମୁଖ ଏଥିରେ ଭାଗ ନେଇଥିଲେ। ଅଧାପକ ସନାତନ ବେହେରା ଧନ୍ୟବାଦ ଦେଇଥିଲେ।

### ଫାଇଲେରିଆ ନିରାକରଣ ସଚେତନତା

ଫୁଲବାଣୀ ଅଫିସ, ୧୫।୩: କନ୍ଧମାଳ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗତ ୭ରୁ ଆରମ୍ଭ ହୋଇଥିବା ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ୧୬ରେ ସରିବ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଆହ୍ୱାନ କ୍ରମେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ସହଯୋଗରେ ଅପହଞ୍ଚ ଇଲାକା ପାହିରାଜୁ, ବାଲନ୍ଦାପଡା, କୁଏରମାଣ୍ଡୁ, ଲୁଇସିଂ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସମୂହ ଫାଇଲେରିଆ ବଟିକା ସେବନ ନିମନ୍ତେ ବୈଠକ, ମାଇକ୍ ମାଧ୍ୟମରେ ସଚେତନ କରାଯାଇଛି। ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ମାମିନା କହଁର, ପ୍ରଭାସିନୀ ଦଳବେହେରା, ଅନନ୍ତ ମଲ୍ଲିକ, ମାଣିକ ବେହେରା ଓ ଆଲୋକ ସାମନ୍ତରାୟ ଗାଁ ଗାଁରେ ବୁଲି ୱାର୍ଡମେମ୍ବର, ସମାଜିକ କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସହଯୋଗରେ ଲୋକଙ୍କୁ ସଚେତନ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ସିଟ୍ ବଢ଼ାଯାଉ

■ କଳା, ବାଣିଜ୍ୟ ବିଭାଗ ଖୋଲୁ
■ ଦାବି ଜଣାଇଲା ଅଭିଭାବକ ମହାସଂଘ

ନୟାଗଡ଼ ଅଫିସ,୧୫।୩

ନୟାଗଡ଼ ଜିଲା ସଦର ମହକୁମାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି ଓ କଳା ଏବଂ ବାଣିଜ୍ୟ ବିଭାଗ କରିବାକୁ ଅଭିଭାବକ ସଂଘ ପକ୍ଷରୁ ବାରମ୍ବାର ଦାବି ଜଣାଇ ଆସୁଛି। ହେଲେ ଜିଲା ପ୍ରଶାସନ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଅଭିଭାବକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏ ନେଇ ଅଭିଭାବକ ମହାସଂଘ ପକ୍ଷରୁ ଜିଲାପାଳ ଓ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଅବଗତ କରାଯାଇଛି।

ଅଭିଭାବକ ମହାସଂଘର ଦାବି ଅନୁସାରେ, ୨୦୨୨-୨୩ ଶିକ୍ଷାବର୍ଷରୁ ଏକାଦଶ ଶ୍ରେଣୀରେ ସିଟ୍ ସଂଖ୍ୟା ଦୁଇଗୁଣ କରିବା ସହ କଳା ଏବଂ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ଦାବି କରାଯାଇଛି। ଅଭିଭାବକ ମହାସଂଘ କେନ୍ଦ୍ରୀୟ ବିଦ୍ୟାଳୟର ଚେୟାରମ୍ୟାନ ତଥା ଜିଲାପାଳ ପୋମା ଟୁଡୁଙ୍କୁ ବାରମ୍ବାର ଦାବି ଜଣାଇଛି। ଅନ୍ୟପକ୍ଷେ ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ ଭାବେ ସ୍ଥାନୀୟ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲୁଥିବା ବେଳେ ଅଭିଭାବକ ସଂଘର ଦାବି କ୍ରମେ ସେଠାରେ ବିଜ୍ଞାନ ବିଷୟରେ ଏକାଦଶ ଶ୍ରେଣୀ ଖୋଲିଥିଲା। ସେ ସମୟରେ ୫୦ଟି ସିଟ୍ ପାଇଁ ଅନୁମୋଦନ ମିଳିଥିଲା। ତେବେ ଇତିମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ ଗୃହରେ ଗତ ଦୁଇବର୍ଷ ଧରି ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଛି। ହାଉସିଂ ବୋର୍ଡ ନିକଟରେ ଖୋଲିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସ୍ୱୟଂ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଜ୍ଞାନ ବିଭାଗର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ସିଟ୍ ସଂଖ୍ୟା ମାତ୍ର ୫୦ରେ ସୀମିତ ରହିଛି। ଫଳରେ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟରୁ ସିବିଏସ୍‌ଇରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ସିବିଏସ୍‌ଇରେ ଏକାଦଶ କିମ୍ବା ଦ୍ୱାଦଶ ଶ୍ରେଣୀ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ସେହିପରି ସିବିଏସ୍‌ଇ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜିଲା ବାହାରକୁ ବାଧ୍ୟ ହୋଇ ଯାଉଛନ୍ତି। କରୋନା ମହାମାରୀ ଯୋଗୁ ରାଜ୍ୟ ସରକାର ଗତବର୍ଷ ସିଏଚଏସ୍‌ଇ ପାଠ୍ୟକ୍ରମ ପାଇଁ ଯୁକ୍ତ ୨ ଶ୍ରେଣୀରେ ୫୫ ହଜାର ସିଟ୍ ବୃଦ୍ଧି କରିଥିଲେ। ଚଳିତବର୍ଷ କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇ ନୟାଗଡ଼ ଜିଲାରୁ ସିବିଏସ୍‌ଇ ପାଠ୍ୟକ୍ରମରେ ୧୦ମ ପାସ୍ କରିବାକୁ ଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ଶହରୁ ଊର୍ଦ୍ଧ୍ୱ ହେବ। ତେବେ ଏକାଦଶ ଶ୍ରେଣୀରେ ପାଠ ପଢ଼ିବାକୁ କେବଳ କେନ୍ଦ୍ରୀୟ ବିଦ୍ୟାଳୟ ଜିଲାର ଏକମାତ୍ର ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ କେବଳ ବିଜ୍ଞାନ ପାଠ୍ୟକ୍ରମରେ ୫୦ଟି ସିଟ୍ ରହିଛି। ତେବେ ଏଠାରେ ନିଜ ସ୍କୁଲ ପିଲାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଆଡମିଶନର ସୁଯୋଗ ମିଳୁଥିବାରୁ ଅନ୍ୟ ବିଦ୍ୟାଳୟର ପିଲାମାନେ ଏଠାରେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ତୁରନ୍ତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି କରନ୍ତୁ। ପୁଣି ବିଜ୍ଞାନ ସହିତ କଳା ଏବଂ ବାଣିଜ୍ୟ ବିଭାଗରେ ପାଠ୍ୟକ୍ରମ ଆରମ୍ଭ କରାନ୍ତୁ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ମହାସଂଘ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ଦାସ, ଉପସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଜିଲା ସଂଯୋଜକ ଗୌରୀଶଙ୍କର ଦାସ, ଉପଦେଷ୍ଟା ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଦାବି ଜଣାଇଛନ୍ତି।




### ଜିଲାସ୍ତରୀୟ ପଡ଼ୋଶୀ ଅଞ୍ଚଳ ଯୁବ ସାଂସଦ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୫।୩(ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଗୁମ୍ମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମସ୍ଥିତ ବିନୋଦିନୀ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ପଡ଼ୋଶୀ ଅଞ୍ଚଳ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲାପାଳ ଦିଲୀପ କୁମାର ମହାରଣା ଯୋଗଦେଇ ଆଜିର ଯୁବଗୋଷ୍ଠୀ ଆସନ୍ତାକାଲିର ଭବିଷ୍ୟତ, ରାଷ୍ଟ୍ର ଗଠନରେ ଯୁବଗୋଷ୍ଠୀଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ରାଜସ୍ୱ ବିଭାଗ ଡେପୁଟି କଲେକ୍ଟର ନଟବର ଗରଡ଼, ସହକାରୀ ଜିଲାପାଳ ଜୁବୁଲି ଚରଣ ବେହେରା, ଜିଲା ନିଯୁକ୍ତି ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଖଣ୍ଡପଡ଼ାରେ ସ୍ୱାଧୀନ ପ୍ରାର୍ଥିନୀଙ୍କ ପ୍ରଚାର




ପ୍ରଚାର ମଇଦାନରେ ସ୍ୱାଧୀନ ପ୍ରାର୍ଥିନୀ ବିନୋଦିନୀ ମହାନ୍ତି ଭୋଟ ଭିକ୍ଷା କରୁଛନ୍ତି।

ଖଣ୍ଡପଡ଼ା,୧୫।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପଦ ପାଇଁ ୬ ଜଣ ପ୍ରାର୍ଥିନୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣା ହୋଇଛନ୍ତି। ଶାସକ ବିଜେଡି, ବିରୋଧୀ ଭାଜପା ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଥିବା ବେଳେ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ପ୍ରାର୍ଥିନୀମାନେ ମଧ୍ୟ ପ୍ରତ୍ୟେକ ୱାର୍ଡର ଘରକୁ ଘର ବୁଲି ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ତେବେ ଅଧ୍ୟକ୍ଷା ପଦବୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢୁଥିବା ପୂର୍ବତନ କାଉନ୍‌ସିଲର ବିନୋଦିନୀ ମହାନ୍ତି ସମର୍ଥକଙ୍କ ଗହଣରେ ଖଣ୍ଡପଡ଼ା ସହର ୮ ଓ ୯ ନଂ. ୱାର୍ଡରେ ମଙ୍ଗଳବାର ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଖଣ୍ଡପଡ଼ା ସହରକୁ ସରସ ସୁନ୍ଦର କରିବା ସହ ଏକ ଦକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ନାରା ଦେଇ ସେ ଭୋଟରଙ୍କ ମନ ଜିଣିବାକୁ ପ୍ରୟାସ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ୪ ଜଣ ସ୍ୱାଧୀନ ପ୍ରାର୍ଥିନୀ ଅଧ୍ୟକ୍ଷା ପଦବୀ ନିମନ୍ତେ ନିର୍ବାଚନ ଲଢ଼ିଛନ୍ତି।

## ପ୍ରଚାର ମଞ୍ଚ ଧରିଲେ ଛତ୍ରପୁର ବିଧାୟକ

### ୬ନଂ. ୱାର୍ଡରେ ବିଜେଡି ପ୍ରାର୍ଥିନୀ ଅପ୍ରତିଦ୍ୱନ୍ଦ୍ୱୀ

ଛତ୍ରପୁର,୧୫।୩(ଡି.ଏନ.ଏ)

ଛତ୍ରପୁର ଏନଏସିର ବିଜେଡି ଚେୟାରମ୍ୟାନ ପ୍ରାର୍ଥିନୀ ଟି. ଲକ୍ଷ୍ମୀ ଓ ସମସ୍ତ କାଉନସିଲର ପ୍ରାର୍ଥୀଙ୍କ ନିମନ୍ତେ ଜୋରଦାର୍ ପ୍ରଚାର ଚାଲିଛି। ଦଳୀୟ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ବିଜେଡି ପକ୍ଷରୁ ନିବେଦନ କରାଯାଉଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମଙ୍ଗଳବାର ଷ୍ଟାର ପ୍ରଚାରକ ଭାବେ ସାମିଲ ହୋଇ ପ୍ରାର୍ଥୀ ମାନଙ୍କ ନିମନ୍ତେ ଏନଏସିରେ ମାରାଥନ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛତ୍ରପୁର ସହରର ବିକାଶ ଧାରା ବଜାୟ ରଖିବେ ବୋଲି ସେ କହିବା ସହ ବିଜେଡି ପ୍ରାର୍ଥୀମାନଙ୍କୁ ସହରବାସୀ ଆଶୀର୍ବାଦ କଲେ ସହରର ଉନ୍ନତି ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଏନଏସିର ୬ନଂ. ୱାର୍ଡର ବିଜେଡି କାଉନସିଲର ପ୍ରାର୍ଥିନୀ ମମତା ପାତ୍ର ଅପ୍ରତିଦ୍ୱନ୍ଦ୍ୱି ହୋଇଥିବାରୁ ତାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିର୍ବାଚନୀ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ଦଳୀୟ ପତାକା ଦେଖାଇ ଦୁଇଟି ପ୍ରଚାର ଗାଡିକୁ ଉଦଘାଟନ କରିଥିଲେ । ପରେ ସେ ଚେୟାରମ୍ୟାନ ପ୍ରାର୍ଥିନୀଙ୍କ ସମେତ ସମସ୍ତ କାଉନସିଲର ପ୍ରାର୍ଥୀଙ୍କୁ ସାଙ୍ଗରେ ଧରି ସହରର ସମସ୍ତ ଗଳି କନ୍ଦିରେ ବୁଲି ପ୍ରଚାର କରିଥିଲେ।




ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ସନ୍ଦେହରେ ସ୍ୱାମୀ ଅଟକ

ପାତ୍ରପୁର,୧୫।୩(ଡି.ଏନ.ଏ.)

ଜରଡ଼ା ଥାନା ରାଙ୍କୁଡ଼ା ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କିନ୍ତଳ ବୃନ୍ଦାବନଙ୍କ ସ୍ତ୍ରୀ ଜୟନ୍ତୀ (୪୦)। ବୃନ୍ଦାବନ ରହୁଥିବା ଭଡ଼ାଘରେ ଜୟନ୍ତୀଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଜାଣିପାରି ପୋଲିସକୁ ଖବର ଦେଇଥିଲେ। ଜରଡ଼ା ପୋଲିସ ପହଞ୍ଚି ତନାଘନା କରୁଥିବା ବେଳେ ଜୟନ୍ତୀଙ୍କ ପୁଅ ମା'କୁ ମୋର ବାପା ବୃନ୍ଦାବନ ମାରିଥିବା ନେଇ ଅଭିଯୋଗ କରିଥିଲେ। ଜୟନ୍ତୀ ଆତ୍ମହତ୍ୟା କରିଥିବା ବୃନ୍ଦାବନ କହୁଥିବା ବେଳେ ସାଇଣ୍ଟିଫିକ ଟିମ ତଦନ୍ତ କରିଛନ୍ତି। ଏ ନେଇ ନଂ. ୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ହତ୍ୟା ସନ୍ଦେହରେ ସ୍ୱାମୀ ବୃନ୍ଦାବନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଆଇଆଇସି ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

### ବିଜେଡି କାର୍ଯ୍ୟାଳୟ ଶୁଭାରମ୍ଭ କଲେ ବିଧାୟକ

ରମ୍ଭା,୧୫।୩

ପୌର ନିର୍ବାଚନ ପାଇଁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ରମ୍ଭା ମୁଖ୍ୟ ସଡ଼କ ପାର୍ଶ୍ୱରେ ବିଜେଡି କାର୍ଯ୍ୟାଳୟ ଶୁଭାରମ୍ଭ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ରମ୍ଭା ନଗର ସଭାପତି ବନାସୀ ନାହାକ, ଡିଜିଟାଲ ସମ୍ପାଦକ ସ୍ୱାଧୀନ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ବିଜୟ ଚନ୍ଦ୍ର ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସୌଦାମିନୀ ବିଶ୍ୱାଳ, ନାରାୟଣ ପଟନାୟକ, ମନୋଜ ତରାଇ, ଶଙ୍କର ବିଶ୍ୱାଳ, ଶ୍ରୀକାନ୍ତ ବିଶ୍ୱାଳ ସମେତ ଅବତୀର୍ଣ୍ଣ ପ୍ରାର୍ଥୀନୀ/ପ୍ରାର୍ଥୀ, ଅଧ୍ୟକ୍ଷା କୁମାରୀ ବିଶ୍ୱାଳ, ସାଗର ନାହାକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ନବନିର୍ବାଚିତ ଜିଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭା ।

କାଶୀନଗର,୧୫।୩

କାଶୀନଗର ବଂଶଧାରା ପାଠାଗାର ଓ ସେବା ଅନୁଷ୍ଠାନ ତରଫରୁ ନବ ନିର୍ବାଚିତ ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ଓ ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ଉତ୍ସବରେ ବଂଶଧାରା ପାଠାଗାରର ସଭାପତି ହୃଷୀକେଶ ଗୌଡ଼ ଓ ସେବା ଅନୁଷ୍ଠାନର ସଭାପତି କଟିକି ରାମାରାଓଙ୍କ ସହ ବିଜେଡିର ମହିଳା ରାଜ୍ୟ ସଭ୍ୟା ପଦ୍ମିନୀ ସାହୁ ଓ କାଶୀନଗର ପ୍ରେସ୍ କ୍ଲବ୍‌ର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ସେବା ଅନୁଷ୍ଠାନର ସଭାପତି କଟିକି ରାମାରାଓ ଧନ୍ୟବାଦ ଦେଇଥିଲେ।

### ରଘୁନାଥ ମଠର ଟ୍ରଷ୍ଟି ପରିବର୍ତ୍ତନକୁ ବିରୋଧ

ଶେରଗଡ଼,୧୫।୩(ଡି.ଏନ୍.ଏ.)

ଶେରଗଡସ୍ଥିତ ପାଢ଼ୀ ସାହିରେ ଥିବା ରଘୁନାଥ ମଠର ଟ୍ରଷ୍ଟି ପରିବର୍ତ୍ତନକୁ ସାହିବାସୀ ବିରୋଧ କରିଛନ୍ତି। ମଠ ପରିଚାଳନା ପାଇଁ ଏକ କମିଟି ଗଠନ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରଘୁନାଥ ମଠରେ ମଠାଧିଶ ଭାବେ ବୃନ୍ଦାବନ ପଣ୍ଡା କାର୍ଯ୍ୟ କରୁଛନ୍ତି। କିନ୍ତୁ ମଠ ପରିଚାଳନା କରିବା କଷ୍ଟକର ହେଉଥିବାରୁ ଏହି ଦାୟିତ୍ୱ ଅନ୍ୟକୁ ଦିଆଯାଉ ବୋଲି ଏକ ଲିଖିତ ପତ୍ର ବୃନ୍ଦାବନ ବ୍ରହ୍ମପୁରସ୍ଥିତ ସହକାରୀ ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରିଥିଲେ। ଏହା ଶୁଣି ସ୍ଥାନୀୟ କେତେଜଣ ଲୋକେ ଲକ୍ଷ୍ମୀନାରାୟଣ ମଠର ମଠାଧିଶଙ୍କୁ ଏହି ଦାୟିତ୍ୱ ଦିଆଯାଉ ବୋଲି ଗତ ୨ରେ ଏକ ପିଟିଶନ ଦାଏର କରିଥିଲେ।

### ଟ୍ରକ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

ହିଞ୍ଜିଳିକାଟୁ,୧୫।୩(ଡି.ଏନ.ଏ.)

ହିଞ୍ଜିଳି ଥାନା ଶିକିରି- ଖରିଡ଼ା ରାସ୍ତାରେ ମଙ୍ଗଳବାର ଟ୍ରକ୍ ବାଇକ୍ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ଗ୍ରାମର ନୀଳାଞ୍ଚଳ ଦାସ (୨୩) । ଗୁରୁତର ଆହତ ସେହି ଗ୍ରାମର ରାଜେଶ ଦାସ (୨୫) ଓ ବ୍ରହ୍ମପୁର ସଦର ଥାନା ରତ୍ନପୁର ଗ୍ରାମର ମିଟୁ ଦାସ (୨୯)। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛି। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୨୦/୨୨ ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରାଯାଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯାଇ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

## କାଗଜ କଲମରେ ଯୋଜନା ସୀମିତ

## ଉଦ୍ୟାନ କୃଷି ଅଧିକାରୀଙ୍କ ଦେଖାନାହିଁ

ଗୋପାଳପୁର,୧୫।୩(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରାଯାଉଛି। କିଭଳି ଲୋକଙ୍କ ପାଖରେ ଯୋଜନା କାର୍ଯ୍ୟକାରୀ ହୋଇପାରିବ ସେନେଇ ସଚିବାଳୟ ସ୍ତରରେ ବୈଠକ କରି ସମୀକ୍ଷା କରାଯାଉଛି। କିଛି ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକରେ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ହେଉଛି। ଏହି ବ୍ଲକରେ କେଉଁ ଅଧିକାରୀ ଦାୟିତ୍ୱରେ ଅଛନ୍ତି ଏବଂ କିଏ ରହିଛନ୍ତି ତାହା ମଧ୍ୟ ଜଣାପଡୁନାହିଁ। ବ୍ଲକରେ ବୈଠକ ସମୟରେ ହିଁ ଅଧିକାରୀ ଉପସ୍ଥିତ ରହୁଥିବା ନଜିର ରହିଛି। ଅନ୍ୟ ସମୟରେ ଉକ୍ତ ଅଧିକାରୀଙ୍କ କାର୍ଯ୍ୟସ୍ଥଳରେ ପାଦ ପଡୁ ନ ଥିବା ଅଭିଯୋଗ ହେଉଛି। ଯାହାଫଳରେ ହିତାଧିକାରୀ ଓ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟକୁ କୌଣସି ଚାଷୀ ଅବା ହିତାଧିକାରୀ ହର୍ଟିକଲଚର ସମ୍ପର୍କୀୟ କିଛି ସୂଚନା ସମ୍ପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇପାରୁନି। ଯଦ୍ଦ୍ୱାରା ଲୋକଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଲାଭ ପାଇବାରୁ ହିତାଧିକାରୀମାନେ ବଞ୍ଚିତ ହେଉଛନ୍ତି। ଉଦ୍ୟାନ ଚାଷୀଙ୍କୁ ଫଳ, ପନିପରିବା, ଶାଗ, ଫୁଲ ଓ ବିଭିନ୍ନ ପ୍ରକାର ଚାରା ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଉଦ୍ୟାନ ବିଭାଗୀୟ ଅଧିକାରୀମାନେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ଓ ପଲ୍ଲିସଭା ନ କରି ପଞ୍ଚାୟତ ପିଇଓଙ୍କ ଜରିଆରେ ହିତାଧିକାରୀ ଚୟନ କରୁଥିବା ଜଣାପଡ଼ିଛି। କାଗଜ କଲମରେ ଯୋଜନା ସୀମିତ ରଖାଯାଉଛି। ଏ ସମ୍ପର୍କରେ ହିତାଧିକାରୀ ଉଦ୍ୟାନ ବିଭାଗ କୌଣସି ଅଧିକାରୀଙ୍କୁ ପଚାରିଲେ ଆମ ପାଖରେ କର୍ମଚାରୀ ଅଭାବ ରହିଛି ବୋଲି କହୁଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଏଚ୍ଆଇଭି ମୁକ୍ତ ଜିଲା ପାଇଁ ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୧୫।୩

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଏଚ୍ଆଇଭି ମୁକ୍ତ କନ୍ଧମାଳ ପାଇଁ ଲକ୍ଷ୍ୟଭେଦି ପ୍ରକଳ୍ପର ପରିସଂଖ୍ୟାନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ । ଏଡ୍‌ସର ଭୟାବହତାକୁ ନଜରରେ ରଖି ଆଗାମୀ ଦିନରେ ବିପଦପୂର୍ଣ୍ଣ ଅବସ୍ଥାରେ ରହୁଥିବା ଗୋଷ୍ଠୀ ଯଥା ମହିଳା ଯୌନକର୍ମୀ, କିନ୍ନର ଓ ଇନ୍‌ଜେକ୍ଟେଡ୍ ଡ୍ରଗ୍ ୟୁଜରମାନଙ୍କ ପାଖରେ ପହଞ୍ଚିବାକୁ ପଡିବ। ନଚେତ୍ ଏଚ୍ଆଇଭି ସଂକ୍ରମଣ ରୋକିବା କଷ୍ଟକର ହୋଇପଡିବ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶନ୍ନ କୁମାର ତ୍ରିପାଠୀ ଉପସ୍ଥିତ ରହି ଜିଲାର ଏଚ୍ଆଇଭି ସଂକ୍ରମଣର ତଥ୍ୟ ଉପସ୍ଥାପନା କରିଥିଲେ । ଭୁବନେଶ୍ୱରରୁ ଆସିଥିବା ପ୍ରୋଗ୍ରାମ୍ ଅଫିସର୍ ସରିତା ଟପୋ ଆଗାମୀ ଦିନରେ ନାକୋ ଓ ଓସାକ୍ସ ତରଫରୁ କରାଯାଉଥିବା ପରିସଂଖ୍ୟାନ ବିଷୟରେ ଏକ ତଥ୍ୟ ଉପସ୍ଥାପନା କରିଥିଲେ । ସ୍ୱାତୀ ସଂପାଦକ ଇଂ. ହରିଶଙ୍କର ରାଉତ ଜିଲାରେ କାର୍ଯ୍ୟକାରୀ ହେଉଥିବା ଲକ୍ଷଭେଦି ପ୍ରକଳ୍ପର କାର୍ଯ୍ୟପନ୍ଥା ଉପସ୍ଥାପନ କରିବା ସହ ସମସ୍ତଙ୍କ ସହଯୋଗରେ କିପରି ଏହା ୫ ବ୍ଲକ୍‌ରୁ ୧୨ଟି ବ୍ଲକ୍‌କୁ ସଂପ୍ରସାରଣ ହୋଇପାରିବ ଗୁରୁତ୍ୱାରୋପ କରିଥିଲେ । ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରମୋଦ ବଡସେଟ, ଜିଲା ଏଚ୍ଆଇଭି ସୁପରଭାଇଜର୍ ଦେବାଶିଷ ମିଶ୍ର, ପରାମର୍ଶ ଦାତା ଗୋବନ୍ଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଏହି ପରିସଂଖ୍ୟାନ ମାଧ୍ୟମରେ ଲୁକାୟିତ ଭାବେ ଥିବା ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ହେବା ଏହାପରେ ସେମାନଙ୍କୁ ଏଆର୍‌ଟି ମାଧ୍ୟମରେ ବଞ୍ଚିବାର ରାହା ଦେଇହେବ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନ ତରଫରୁ ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱରଞ୍ଜନ କର ଓ ଶ୍ରଦ୍ଧାଞ୍ଜିନୀ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାନ୍ତନୁ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା ।